**ପୋଲିସ ହାତରୁ ଖସିଯାଇଥିବା ଅଭିଯୁକ୍ତ ଗିରଫ**

ଜୟପୁର,(ନି.ପ୍ର.)- କୋର୍ଟରୁ ଫେରାର ହୋଇଯାଇଥିବା ଜଣେ ଅଭିଯୁକ୍ତଙ୍କୁ ଜୟପୁର ଟାଉନଥାନା ପୋଲିସ ଗିରଫ କରିଛି। ସେ ହେଲେ ମାଛକୁଣ୍ଡ ଥାନା ଅନ୍ତର୍ଗତ ମନ୍ତ୍ରିପୁଟ ଗ୍ରାମର ମନ ପାଙ୍ଗୀ । ଖବରରୁ ଜଣାପଡିଛି, ଗତ ଜାନୁୟାରୀ ୨୦୨୨ରେ ଗଞ୍ଜେଇ ଚାଲାଣ କରୁଥିବା ବେଳେ ବୈପାରିଗୁଡା ପୋଲିସ ଚଢ଼ାଉ କରି ମନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ସେହି ସମୟରେ ପୋଲିସକୁ ଧକ୍କା ଦେଇ ମନ ଫେରାର ହୋଇଯାଇଥିଲେ । ଏନେଇ ବୈପାରିଗୁଡା ପୋଲିସ ଜୟପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲା । ଅଭିଯୋଗକୁ ଆଧାର କରି ପୋଲିସ ତଦନ୍ତ କରି କୁନ୍ଦୁରାରୁ ମନଙ୍କୁ ଗିରଫ କରି ଥିଲା ।



## ସଂକ୍ଷେପରେ

### ଔଷଧରେ ବିଷ ଦେଇ ଶିଶୁପୁତ୍ରକୁ ହତ୍ୟା ଅଭିଯୋଗ ସାବତ ବାପା ଗିରଫ

ରାଇଘର,୨୭।୩(ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ରାଇଘର ବ୍ଲକର କସକଙ୍ଗା ପଞ୍ଚାୟତ ଅଧୀନ ଏକ ଗ୍ରାମରେ ଜଣେ ୩ବର୍ଷର ଶିଶୁପୁତ୍ରଙ୍କ କାଶ ଔଷଧ ଖାଇବା ପରେ ମୃତ୍ୟୁ ହୋଇଛି। ଉକ୍ତ ଔଷଧରେ ସାବତ ବାପା ବିଷ ମିଶାଇ ଦେଇଥିବା ନେଇ ତାଙ୍କ ମା' କୁନ୍ଦେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୁକ୍ତ ସାବତ ବାପା ଗଞ୍ଜାପାରା ପଞ୍ଚାୟତ ଆମାବେଡା ଗ୍ରାମର ବିଶ୍ୱନାଥ ଗଣ୍ଡଙ୍କୁ ଗିରଫ କରିଛି। ସୂଚନାନୁଯାୟୀ, ମହିଳା ଜଣଙ୍କର ପୂର୍ବରୁ ଜନୈକ ଯୁବକଙ୍କ ସହ ପ୍ରେମ ସମ୍ପର୍କ ଥିଲା। ତାଙ୍କ ଔରସରୁ ମହିଳା ଗର୍ଭବତୀ ହୋଇ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ବିବାହ ପୂର୍ବରୁ ଛୁଆ ହୋଇଥିବାରୁ ଉଭୟେ ଅଲଗା ରହୁଥିଲେ। ୩ ମାସ ପୂର୍ବେ ମହିଳା ଜଣଙ୍କ ବିଶ୍ୱନାଥଙ୍କୁ ଦ୍ୱିତୀୟ ଥର ପ୍ରେମ ବିବାହ କରିଥିଲେ। ରବିବାର ସକାଳେ ପୁଅକୁ ଥଣ୍ଡା କାଶ ହେଉଥିବାରୁ ମହିଳା ଜଣଙ୍କ ବିଶ୍ୱନାଥଙ୍କୁ ଔଷଧ ଆଣିବାକୁ କହିଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟାରେ ବିଶ୍ୱନାଥ ଆଣିଥିବା ଔଷଧ ମହିଳା ଜଣଙ୍କ ପୁଅକୁ ଖୁଆଇ ଥିଲେ। ଏହାର କିଛି ସମୟ ପରେ ଶିଶୁପୁତ୍ର ବାନ୍ତି କରିବାରୁ ତାକୁ ହାଟଭରାଣ୍ଡି ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମହିଳା ଜଣଙ୍କ ଏ ନେଇ କୁନ୍ଦେଇ ଥାନାରେ ଜଣାଇଥିଲେ। ମହିଳାଙ୍କ ଅଭିଯୋଗ କ୍ରମେ ପୋଲିସ ହତ୍ୟା ମାମଲା ରୁଜୁ କରିଛି। ଥାନାଧିକାରୀ ପ୍ରଶାନ୍ତ ସେଠୀ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଉକ୍ତ ଔଷଧ ବୋତଲ ଜବତ କରଛନ୍ତି। ପୋଲିସ ବିଶ୍ୱନାଥଙ୍କୁ ଖୋଜାଖୋଜି କରିଥିଲା। ବିଶ୍ୱନାଥ ଫୋନ୍ ସୁଇଚ୍‌ଅଫ୍ କରି ଫେରାର୍ ହେବାକୁ ଯୋଜନା କରୁଥିବାବେଳେ ଛତିଶଗଡ଼ ସୀମାନ୍ତ ଅଞ୍ଚଳରୁ ତାଙ୍କୁ ଗିରଫ କରାଯାଇଛି ।

### ଗଞ୍ଜେଇ ଜବତ, ଜଣେ ଗିରଫ

ମାଥିଲି ,୨୭।୩(ଡି.ଏନ.ଏ.)- ମାଥିଲି ମାଲକାନଗିରି ଜିଲା ଅବକାରୀ ନିରୀକ୍ଷକ ବିମ୍ବାଧର ପଣ୍ଡାଙ୍କ ନିର୍ଦ୍ଦେଶରେ ମାଥିଲି ଅବକାରୀ ଉପ ନିରୀକ୍ଷକ ରବୀନ୍ଦ୍ରନାଥ ପ୍ରଧାନଙ୍କ ତତ୍ତ୍ୱାବଧାନରେ କର୍ମଚାରୀମାନେ ସିରିପେଟା-କଟାମେଟା ରାସ୍ତାରେ ଧରପଗଡ କରି ୩୧କେଜି ୫୦୦ଗ୍ରାମ ଗଞ୍ଜେଇ ଜବତ କରିଛନ୍ତି। ଏଥିରେ ସମ୍ପୃକ୍ତ ଜଣଙ୍କୁ ଗିରଫ କରାଯାଇଛି। ସେ ହେଲେ ମାଣିକ ତାଙ୍ଗୁଲା। ଚଢାଉରେ ସହ ଉପନିରୀକ୍ଷକ ଜେମ୍ସ ମାଲେକୁମ ସାହୁ, ନିରୀକ୍ଷକ ଗୋବିନ୍ଦ ବିନଦାମି, ନିତ୍ୟାନନ୍ଦ ତାଣ୍ଡି, ପ୍ରଭାତ ସାହୁ ପ୍ରମୁଖ ସାମିଲ ଥିଲେ।

### ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

ଜୟପୁର, ୨୭।୩(ନି.ପ୍ର.)- ଜୟପୁର ବ୍ଲକ ଅନ୍ତର୍ଗତ ବାଲିଆଠାରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଓ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶୁଣାଣି ଲାଗି ୨୦ଟି ଅଭିଯୋଗ ଆସିଥିଲା। ଏହି ଶୁଣାଣିରେ ଜୟପୁର ବ୍ଲକ ପ୍ରଶାସନ, ସରପଞ୍ଚ, ସମିତିସଭ୍ୟା ସଭ୍ୟ, କନିଷ୍ଠ ଯନ୍ତ୍ରୀ, ପିଇଓ, ଜିଆର୍‌ଏସ୍, ସ୍ୱାସ୍ଥ୍ୟ ବିଭାଗ, ଆଇସିଡିଏସ୍, ହର୍ଟିକଲଚର, କୃଷି ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ। ବିଭିନ୍ନ ମୌଳିକ ସମସ୍ୟା ନେଇ ଜନସାଧାରଣ ଅଭିଯୋଗ କରିଥିଲେ। ଏହାର ଶୁଣାଣି କରି ସମସ୍ୟାଗୁଡିକର ଖୁବ ଶୀଘ୍ର ସମାଧାନ କରାଯିବ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ।

### ୬୯ ଅଭିଯୋଗ ଶୁଣିଲେ ଜିଲାପାଳ

ଲକ୍ଷ୍ମୀପୁର,୨୭।୩ (ସ୍ୱ.ପ୍ର.)- ଲକ୍ଷ୍ମୀପୁର ବ୍ଲକ ପରିସରରେ ଅଭିଯୋଗ ପ୍ରକୋଷ୍ଠରେ ସୋମବାର ଜନ ଅଭିଯୋଗ ଶୁଣାଣି ହୋଇଛି। କୋରାପୁଟ ଜିଲାପାଳ ଏମ୍ ଅବଦୁଲ ଆଖତ ୬୯ ଅଭିଯୋଗ ଶୁଣିଛନ୍ତି। ସେଥିମଧ୍ୟରୁ ୪୫ଟି ବ୍ୟକ୍ତିଗତ ଅଭିଯୋଗ ଥିବାବେଳେ ୨୪ଟି ସାମୂହିକ ଅଭିଯୋଗ ଥିଲା। ସେଥିରୁ ରାସ୍ତାଘାଟ, ବ୍ରିଜ, ପାନୀୟ ଜଳ, ଆବାସ ଗୃହ, ଜଙ୍ଗଲ ଜମିପଟ୍ଟା, କୃଷି ଏବଂ ସାମୂହିକ ଅଭିଯୋଗ ଥିଲା କଡ଼ିଙ୍ଗାମାଲି ଖଣି ଅଞ୍ଚଳରେ ପ୍ରକଳ୍ପ ସ୍ଥାପନ ଏବଂ ବିକାଶ। ତୁରନ୍ତ ଅଭିଯୋଗ କାର୍ଯ୍ୟକାରୀ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ୧୦୯ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ, ବିଧବା ଏବଂ ଭିନ୍ନକ୍ଷମଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା। ସେହିପରି ୧୦ ଭିନ୍ନକ୍ଷମଙ୍କୁ ଆଶାବାଡ଼ି, ଶ୍ରବଣ ଯନ୍ତ୍ର, ଟ୍ରାଇ ସାଇକେଲ ଦିଆଯାଇଥିଲା। ମିଶନଶକ୍ତି ଆନୁକୂଲ୍ୟରେ ୪୧ ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ୧ କୋଟି ୪ ଲକ୍ଷ ବିଭିନ୍ନ ବ୍ୟାଙ୍କ ଜରିଆରେ ଋଣ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉପଜିଲାପାଳ ବେଣୁଧର ଶବର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉଜ୍ଜଳ କେଶରୀ ଦାସ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଗୌରବ ଶିବାଜି ଇସନ ୱାର ତଥା ଜିଲାସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବିଡିଓ ପ୍ରୀତିରଞ୍ଜନ ରଥ, ତହସିଲଦାର ତପନ କୁମାର ନାୟକ, ବ୍ଲକ ଅଧକ୍ଷା ଶୁଆଇ କୁଲେଶିକା, ଉପାଧକ୍ଷା ଆରତୀ କୁଲଦୀପ, ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହୁରିଆ, ଜିପିଓ ସୁଧୀର କୁମାର ବେହେରା, ଯୋଗାଣ ଅଧିକାରୀ ପ୍ରଭାସ ରଞ୍ଜନ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

# ୨ ଜିଲାରୁ ତୀର୍ଥଯାତ୍ରାରେ ଗଲେ ୨୮୫ ବରିଷ୍ଠ ନାଗରିକ



ମାଲକାନଗିରିରେ ତୀର୍ଥ କରିବାକୁ ବାହାରିଥିବା ତୀର୍ଥଯାତ୍ରୀ।




କୋରାପୁଟରେ ଜିଲାପାଳ ତୀର୍ଥଯାତ୍ରୀ ଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି ।

ମାଲକାନଗିରି/କୋରାପୁଟ, ୨୭।୩ (ଡି.ଏନ୍.ଏ./ସ୍ୱ.ପ୍ର.)

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ମାଲକାନଗିରି ସଦର ମହକୁମାରୁ ବିଭିନ୍ନ ଅଞ୍ଚଳର ୮୫ ଜଣ ମହିଳା ଓ ପୁରୁଷ ନାଗରିକ ଦୁଇଟି ଗାଡିରେ ତୀର୍ଥ ଯାତ୍ରା କରିଛନ୍ତି। ଜିଲା ପରିଷଦ କାର୍ଯ୍ୟାଳୟ ପରିସରରେ ସୋମବାର ଏହି ଦୁଇଟି ତୀର୍ଥଯାତ୍ରୀ ବସ୍‌କୁ ଜିଲାପାଳ ବିଶାଲ ସିଂ ସବୁଜ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ରତ୍ନାକର ସାହୁ, ପୌର ନିର୍ବାହୀ ଅଧିକାରୀ କାହ୍ନୁଚରଣ ପଟ୍ଟନାୟକ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବରିଷ୍ଠ ନାଗରିକମାନେ ମାଲକାନଗିରିରୁ ରାୟଗଡା ଯାଇ ସୋମବାର ରାତିରେ ସେଠାରେ ରହିବେ। ମଙ୍ଗଳବାର ଟ୍ରେନ ଯୋଗେ ତିରୁପତି, ଭେଲର, ଶ୍ରୀଶୈଳମ୍ ଯାତ୍ରା କରି ତୀର୍ଥ ସାରି ଏପ୍ରିଲ ୩ରେ ଫେରିବେ ବୋଲି ଜିଲାପାଳ କହିଛନ୍ତି।

ସେହିପରି କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ମଧ୍ୟ ବରିଷ୍ଠ ନାଗରିକମାନଙ୍କୁ ତୀର୍ଥଯାତ୍ରାରେ ପଠାଯାଇଛି। ଜିଲା ସାଂସ୍କୃତିକ ପରିଷଦ କାର୍ଯ୍ୟାଳୟ ଠାରୁ

**ତିରୁପତି, ବେଲର, ଶ୍ରୀଶୈଳମ ବୁଲିବେ**

ସୋମବାର ଅପରାହ୍ନରେ ୫ଟି ବସ ଯୋଗେ ୨ଶହ ତୀର୍ଥ ଯାତ୍ରୀ ରାୟଗଡା ଗସ୍ତ କରିଛନ୍ତି। ଏହାକୁ ଜିଲାପାଳ ଅବଦଲ ଏମ. ଅକତର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ତୀର୍ଥଯାତ୍ରୀମାନେ ରାୟଗଡାରେ ରାତ୍ରୀଯାପନ କରି ମଙ୍ଗଳବାର ଏକ ସ୍ୱତନ୍ତ୍ର ଟ୍ରେନ ତିରୁପତି, ଭେଲୋର, ଶ୍ରୀକଳା ହସ୍ତୀ ଦର୍ଶନ କରି ୨ ତାରିଖରେ ଫେରିବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ବିଭାଗ ପକ୍ଷରୁ ସେମାନଙ୍କ ପାଇଁ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ବରିଷ୍ଠ ନାଗରିକ ତୀର୍ଥ ଯୋଜନାରେ ଜିଲାର ୫୭୫ ଜଣ ବରିଷ୍ଠ ନାଗରିକ ଆବେଦନ କରିଥିଲେ। ଏହି ଆବେଦନଗୁଡିକ ମଧ୍ୟରୁ ଲଟେରି ମାଧ୍ୟମରେ ୨ଶହ ଜଣଙ୍କୁ ବଛାଯାଇଛି। ତୀର୍ଥ ଯାତ୍ରା ସମୟରେ ସେମାନଙ୍କ ଯେପରି କୌଣସି ଅସୁବିଧା ନ ହୁଏ ସେଥିପାଇଁ ସାଙ୍ଗରେ ଏସ୍‌କର୍ଟ ସହ ଏକ ଡାକ୍ତରୀ ଟିମ ମଧ୍ୟ ଯାଇଥିବା ପର୍ଯ୍ୟଟନ ଅଧିକାରୀ ତାନିନା ପ୍ରଧାନ କହିଛନ୍ତି।

# ଉନ୍ନୟନ କାର୍ଯ୍ୟ ଦେଖିଲେ, ଆଲୋଚନା କଲେ

ଖଇରପୁଟ,୨୭।୩(ସ୍ୱ.ପ୍ର.)-

**ବଣ୍ଡାଘାଟିର ଭେଜାଗୁଡାରେ ବିଡିଓ**

ମାଲକାନଗିରି ଜିଲା ଖଇରପୁଟ ବ୍ଲକର ବଣ୍ଡାଘାଟିର ଭେଜାଗୁଡା ଗ୍ରାମକୁ ସୋମବାର ବିଡିଓ ହୃଦାରଞ୍ଜନ ସାହୁ ଗସ୍ତ କରି ବିଭିନ୍ନ କାର୍ଯ୍ୟର ତଦାରଖ କରିଛନ୍ତି। ଅପହଞ୍ଚ ଅଞ୍ଚଳ ରୂପେ ପରିଚିତ ଏହି ଗ୍ରାମକୁ ଯିବାକୁ ହେଲେ ନଈପାର ହୋଇ ଯିବାକୁ ହୁଏ। ବିଡିଓ ସାହୁ ସହକାରୀ ନିର୍ବାହୀଯନ୍ତ୍ରୀ ଦୁଷ୍ମନ୍ତ ବହେରାଙ୍କ ଅନ୍ୟ କେତେ ଜଣ କର୍ମଚାରୀଙ୍କ ସହ ଦେଶୀ ଡଙ୍ଗାରେ ନଈପାର ହୋଇ ଭେଜାଗୁଡାରେ ପହଞ୍ଚି ଅମୃତ ସରୋବର ଯୋଜନାରେ ଖୋଳା ଯାଇଥିବା ପୋଖରୀ ଏବଂ କିଛି ଲୋକଙ୍କୁ ପୂର୍ବରୁ ପ୍ରଦାନ କରାଯାଇଥିବା ଡଙ୍ଗାର ବ୍ୟବହାର ଏବଂ ବଣ୍ଡା ଉନ୍ନୟନ ସଂସ୍ଥା ବିଭିନ୍ନ କାର୍ଯ୍ୟର ତଦାରଖ କରିଥିଲେ। କେତେକ ଗ୍ରାମବାସୀଙ୍କୁ ସେମାନଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ରହିଥିବା ସମସ୍ୟା ସମାଧାନ କରିବା ଲାଗି ପ୍ରତିଶ୍ରୁତି ଦେଇ ଫେରିଥିଲେ। ସୂଚନାଯୋଗ୍ୟ, ଏହି ଭେଜାଗୁଡା ଗ୍ରାମରେ ଆଜିଯାଏ କୌଣସିସରକାରୀ ଅଧିକାରୀଙ୍କ ପାଦ ପଡି ନ ଥିଲା। ଏକ୍ଷେତ୍ରରେ ଅଶାନ୍ତ ନଈ ପ୍ରତିବନ୍ଧକ ସାଜିଥିଲା।



ଭେଜାଗୁଡା ଗ୍ରାମରେ ବିଡିଓ କାର୍ଯ୍ୟ ତଦାରଖ କରୁଛନ୍ତି।

# ବିଜେଡି ସାଙ୍ଗଠନିକ ସମ୍ପାଦକଙ୍କ କାଳିମେଳା ଗସ୍ତ

କାଳିମେଳା/ଚିତ୍ରକୋଣ୍ଡା,୨୭।୩(ଡି.ଏନ.ଏ.)

ରାଜ୍ୟ ବିଜେଡି ସାଙ୍ଗଠନିକ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ସୋମବାର ମାଲକାନଗିରି ଜିଲା କାଳିମେଳା ବ୍ଲକ ଗସ୍ତ କରିଛନ୍ତି। ଏହି ଅବସରରେ ସେ କାଳିମେଳାବାସୀ ଏବଂ ଦଳୀୟ କର୍ମକର୍ତ୍ତାଙ୍କ ସହ ବିଭିନ୍ନ ପ୍ରସଙ୍ଗ ସମ୍ପର୍କରେ ଆଲୋଚନା କରିଥିବା ଜଣାପଡିଛି । ଆସନ୍ତା ୨୯ ତାରିଖରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ମାଲକାନଗିରି ଏବଂ କାଳିମେଳା ବ୍ଲକ ଗସ୍ତ କରିବାର କାର୍ଯ୍ୟକ୍ରମ ଥିବାରୁ ଏହାର ଦିନକ ପୂର୍ବରୁ ପ୍ରଣବ କାଳିମେଳା ଗସ୍ତ କରି ବିଭିନ୍ନ କାର୍ଯ୍ୟ ବୁଲି ଦେଖିଛନ୍ତି। ଏହି ସମୟରେ ବିଜେଡିର ମାଲକାନଗିରି ଜିଲା ସଭାପତି ତଥା ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, କୋରାପୁଟ ଜିଲା ବିଜେଡି ସଭାପତି ଈଶ୍ୱର ପାଣିଗ୍ରାହୀ, ପୂର୍ବତନ ଏମ୍‌ପି ପ୍ରଦୀପ ମାଝି, ପୂର୍ବତନ ବିଧାୟକ ମାନସ ମାଡକାମି, ଗୋପାଳକୃଷ୍ଣ ପଣ୍ଡା, ରାଜେନ୍ଦ୍ର ପଣ୍ଡା, ଦୁର୍ଗା ତ୍ରିପାଠୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ । ଏହି ଅବସରରେ ପ୍ରଣବ ହାଟପଦା ଠାରେ ନିର୍ମାଣ ହୋଇଥିବା ତମାଦୋରା ଉଦ୍ୟାନ ବୁଲି ଦେଖିବା ସହ ଏହାର ଭିତ୍ତିଭୂମି ସମ୍ପର୍କରେ ଆଲୋଚନା କରିଥିଲେ । ପରେ ସେ ତହସିଲ କାର୍ଯ୍ୟାଳୟଠାରେ ଥିବା ସାଥୀ କାର୍ଯ୍ୟାଳୟକୁ ଯାଇ ମୋ ପାଠାଗାର, ସାଥୀ ଗୃହ ଏବଂ ଅନ୍ୟାନ୍ୟ ଗୃହ ବୁଲି ଦେଖିଥିଲେ। ଏହି ସମୟରେ କାଳିମେଳା ମିନି ଷ୍ଟାଡିୟମକୁ ପୁନରୁଦ୍ଧାର କରିବାକୁ ସ୍ଥାନୀୟ ଯୁବଗୋଷ୍ଠୀ ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସୂଚନାଯୋଗ୍ୟ, ୨୯ରେ ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ଗସ୍ତ ଥିବାରୁ ସକାଳେ ଜିଲାପାଳ ବିଶାଲ ସିଂ, ଏସ୍‌ପି, ଉପଜିଲାପାଳ ଅକ୍ଷୟ କ୍ଷେମଣ୍ଡୁ, ଏସଡିପିଓ, ଥାନା ଅଧିକାରୀ ଏବଂ ବ୍ଲକର ଅଧିକାରୀମାନେ ସ୍ଥାନୀୟ ସାଥୀ କାର୍ଯ୍ୟାଳୟରେ ପହଞ୍ଚି ବିଭିନ୍ନ କାର୍ଯ୍ୟର ତଦାରଖ କରିଥିଲେ ।

ସେହିପରି ଚିତ୍ରକୋଣ୍ଡା ତଥା ସ୍ୱାଭିମାନ ଅଞ୍ଚଳ କୁ ୫-ଟି ସଚିବ ଭି.କେ. ପାଣ୍ଡିଆନ ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରିବାର କାର୍ଯ୍ୟକ୍ରମ ଥିବାରୁ ଏହାର ଦିନକ ପୂର୍ବରୁ ଚିତ୍ରକୋଣ୍ଡା ତଥା ସ୍ୱାଭିମାନ ଅଞ୍ଚଳର ବିଭିନ୍ନ ସ୍ଥାନକୁ ରାଜ୍ୟ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାଶ ଗସ୍ତ କରିଛନ୍ତି। ତାଙ୍କସହ ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ଜିଲା ପରିଷଦ ଅଧକ୍ଷା ସମାରି ତାଙ୍ଗୁଲୁ ଓ ବ୍ଲକ ଅଧକ୍ଷା ରାଜେଶ୍ୱରୀ ଖିଲ ଉପସ୍ଥିତ ଥିଲେ। ପୂର୍ବ ଯୋଜନା ମୁତାବକ ପ୍ରସ୍ତୁତି ଚାଲିଥିବା ପ୍ରଣବ ଦେଖିବାକୁ ପାଇଥିଲେ।



ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ କାର୍ଯ୍ୟ ବୁଲି ଦେଖୁଛନ୍ତି।

# ଆଶ୍ରମ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

ମାଥିଲି,୨୭।୩ (ଡି.ଏନ୍.ଏ.)

ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ମାଡ଼କାମୀଗୁଡ଼ା ଆଶ୍ରମ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ାଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଡବ୍ଲୁଇଓ ଶଶିକାନ୍ତ ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ଆମ୍ବଗୁଡ଼ା ସରପଞ୍ଚ ସୁକୁମଣି ଚାଲାଣ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ସିଆରସିସି କୈଳାସଚନ୍ଦ୍ର ନାୟକ ଏବଂ ସମ୍ମାନିତ ଅତିଥି ବିଦ୍ୟାଳୟ ପରିଚାଳନା କମିଟିସଭାପତି ମୁକୁନ୍ଦ କଡିଆ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷୟିତ୍ରୀ କନିକା ମହାଲିକ ବିବରଣୀ ପାଠ କରିଥିଲେ। ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଦେବାଶିଷ ମହାପାତ୍ର, ପ୍ରତିମା ବେହୁରା, ମହମ୍ମଦ ମୁକ୍ତିଆର, ମଧୁସ୍ମିତା ରାଉତ, ଜୟନ୍ତ ଶାହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଅଙ୍ଗନୱାଡି ପକ୍ଷରୁ ପୋଷଣ ସଚେତନତା କାର୍ଯ୍ୟକ୍ରମ

ସୁନାବେଡ଼ା,୨୭।୩(ସ୍ୱ.ପ୍ର.)

ସେମିଳିଗୁଡ଼ା ବ୍ଲକ ରାଜପଲମା ଗାଁ ଅଙ୍ଗନୱାଡି କେନ୍ଦ୍ରରେ ସମନ୍ୱିତ ଶିଶୁ ପ୍ରକଳ୍ପ ପକ୍ଷରୁ ଏକ ସଚେତନକାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁନାବେଡା ସିଡିପିଓ ଗୀତା ରାଣୀ ସାହୁଅଧକ୍ଷତା କରିଥିଲେ। ଗାଁର ଯୁବତୀମାନେ ଢେମସା ନୃତ୍ୟ ପରିବେଷଣ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଗାଁର ଶିଶୁ, ଗର୍ଭବତୀଙ୍କୁ କିପରି କୁପୋଷଣରୁ ରକ୍ଷା କରାଯାଇ ପାରିବ ସେନେଇ ସଚେତନ କରାଯାଇଥିଲା। ପ୍ରସୂତି ମହିଳାଙ୍କୁ ଉପଯୁକ୍ତ ପୋଷଣଯୁକ୍ତ ଖାଦ୍ୟ ଦେବା ସହ ଅଙ୍ଗନୱାଡି ପକ୍ଷରୁ ଦିଆଯାଉଥିବା ଔଷଧ କିପରି ନିୟମିତ ସେବନ କରିବେ ସେଥପ୍ରତି ଯତ୍ନବାନ ହେବା ଆବଶ୍ୟକ ବୋଲି ସିଡିପିଓ କହିଥିଲେ। ଏହାଦ୍ୱାରା ଜନ୍ମିତ ଶିଶୁ ସୁସ୍ଥ ଓ ନୀରୋଗ ରହିବା ସହ ପ୍ରସୂତୀ ମହିଳା ମଧ୍ୟ ସୁସ୍ଥ ରହି ପାରିବେ। ପରେ ଗାଁ ମହିଳା ଓ ଯୁବକଙ୍କୁ ନେଇ ଏକ ବିରାଟ ଶୋଭାଯାତ୍ରା ବାହାରି ଗାଁର ପ୍ରତ୍ୟେକ ଗଳି ବୁଲି ଘରର ମହିଳାଙ୍କୁ ପୋଷଣ ପଖୱାଡ଼ାର ଉଦ୍ଦେଶ୍ୟ ଓ ତାହାର ଫାଇଦା ସମ୍ପର୍କରେ କହିଥିଲେ। ଏହି ଅବସରରେ ପନିପରିବା ଓ ମାଣ୍ଡିଆରେ ତିଆରି ବିଭିନ୍ନ ପ୍ରକାର ଖାଦ୍ୟ ପିଲା, ଗର୍ଭବତୀ ଓ କିଶୋରୀ ଯୁବତୀଙ୍କୁ ପରଷା ଯାଇଥିଲା। ଚର୍କଲି ପୁଟ ଅଙ୍ଗନୱାଡି କେନ୍ଦ୍ର କର୍ମୀ ଅନିତା ଖୋସଲା, ରାଜ ପଲମା ଅଙ୍ଗନୱାଡି କର୍ମୀ ନିରୁପମା ସାମଲଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ ।

# ନୂତନ ଲ୍ୟାମ୍ପସ ଗଠନକୁ ପଞ୍ଚାୟତବାସୀଙ୍କ ବିରୋଧ

ଦଶମନ୍ତପୁର,୨୭।୩( ଡି.ଏନ.ଏ.)

ବିନା ନୋଟିସରେ ଋଣ ମେଳା ସହ ବ୍ୟାଙ୍କିଙ୍ଗ ସେବା ଓ ନୂତନ ଲ୍ୟାମ୍ପସ୍ ଗଠନକୁ ଦୁଇ ପଞ୍ଚାୟତ ବାସୀ ବିରୋଧ କରିଛନ୍ତି। ଫଳରେ ଏନେଇ ହେବାକୁ ଥିବା ବୈଠକ ବାତିଲ ହୋଇଯାଇଥିବା ଜଣାପଡିଛି। ଖବରରୁ ପ୍ରକାଶ, କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଚିକାମ୍ବ ପଞ୍ଚାୟତ କାର୍ଯ୍ୟାଳୟରେ ଦଶମନ୍ତପୁର ଲ୍ୟାମ୍ପସ ଶାଖା ପରିଚାଳକ ପ୍ରଫୁଲ୍ଲ ମିଶ୍ର ଙ୍କ ସଭାପତିତ୍ୱରେ ଏକ ବୈଠକ ଡ଼ହୋଇଥିଲା। ଏଥିରେ ସରପଞ୍ଚ ସାଇବେଣି ଜାନୀ, ସମିତିସଭ୍ୟ ପଦ୍ମନାଭ ଜାନି, ଲ୍ୟାମ୍ପସ ସଭାପତି ମନୋହର ମୁଦୁଲିଙ୍କ ସମେତ ୨ ପଞ୍ଚାୟତ ଚିକାମ୍ବ ଓ ଡୁମ୍ବାଗୁଡା ପଞ୍ଚାୟତର ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ।

ସରକାର ନିର୍ଦ୍ଦେଶରେ ଚାଷୀଙ୍କ ସୁବିଧା ପାଇଁ ଏହି ଦୁଇ ପଞ୍ଚାୟତର ପଞ୍ଚାୟତବାସୀ ଏବଂ ଚାଷୀଙ୍କୁ ନେଇ ଏକ ନୂତନ କମିଟି ଗଠନ କରାଯାଇ ଚାଷୀଙ୍କ ସୁବିଧା ଲାଗି ଏକ ନୂତନ ଲ୍ୟାମ୍ପସ ଶାଖା ଖୋଲିବା ନେଇ ଆଲୋଚନା କରିବା ଏହି ବୈଠକର ଉଦ୍ଦେଶ୍ୟ ବୋଲି ପଞ୍ଚାୟତବାସୀଙ୍କୁ ଅବଗତ କରାଯାଇଥିଲା। ତେବେ ବୈଠକ ଶେଷ ହେବା ସମୟରେ କିଛି ପଞ୍ଚାୟତବାସୀ ବୈଠକ ସ୍ଥଳରେ ପହଞ୍ଚି ବିନା ସୂଚନାରେ କାହା ସ୍ୱାର୍ଥରେ ଋଣ ମେଳା ସହ ବ୍ୟାଙ୍କିଙ୍ଗ ସେବା ଓ ନୂତନ ଲ୍ୟାମ୍ପ ଗଠନ କରାଯାଉଛି ବୋଲି ଲ୍ୟାମ୍ପସ କର୍ତ୍ତୃପକ୍ଷଙ୍କୁ ପଚାରି ଏହି ବୈଠକକୁ ବିରୋଧ କରିଥିଲେ। ଏନେଇ ସେଠାରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ପରେ ବୈଠକ ବାତିଲ କରାଯାଇଥିଲା। ଲ୍ୟାମ୍ପସ ଶାଖା ପରିଚାଳକ ମିଶ୍ର ଆସନ୍ତା କିଛି ଦିନ ମଧ୍ୟରେ ଏନେଇ ନୋଟିସ ଜାରି କରି ସରକାରଙ୍କ ନିୟମାନୁସାରେ କମିଟି ଗଠନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଉତ୍ତେଜନା ପ୍ରଶମିତ ହୋଇଥିଲା।

# ବିଏସ୍‌ଏଫ ପକ୍ଷରୁ ଜନସମ୍ପର୍କ କାର୍ଯ୍ୟକ୍ରମ




ମାଲକାନଗିର,୨୭।୩(ଡି.ଏନ୍.ଏ.)

ମାଲକାନଗିରି ଜିଲା ବିଏସ୍‌ଏଫ୍ ୨ୟ ବଟାଲିୟନ ପକ୍ଷରୁ ମାଥିଲି ଥାନା ଅନ୍ତର୍ଗତ ତେନ୍ତୁଲିଗୁମ୍ମା ସଦର ପଞ୍ଚାୟତରେ ଏକ ଜନ ସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଏସ୍‌ଏଫ୍‌ର ଅତିରିକ୍ତ କମାଣ୍ଡାଣ୍ଟ ବି.ଏସ୍. ରାବତଙ୍କ ଯବାନମାନେ ଉପସ୍ଥିତ ଥିଲେ। ତେନ୍ତୁଲିଗୁମ୍ମା ପଞ୍ଚାୟତର ତେନ୍ତୁଲିଗୁମ୍ମା, ଅଁଳାଗୁଡା, ଟେକଗୁଡା, ମାଟିଗୁଡା, ବେଜିଙ୍ଗିଗୁଡା, ମଦୁପୁ, ତିଳକନଗର ପ୍ରଭୃତି ଗ୍ରାମର ମହିଳା ପୁରୁଷ, ଯୁବକମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଗ୍ରାମବାସୀଙ୍କୁ ବିଭିନ୍ନ ସାମଗ୍ରୀ ଯଥା, କପଡା, କ୍ରୀଡା ସାମଗ୍ରୀ, ଘର ଉପକରଣ, ନିତ୍ୟ ବ୍ୟବହାର୍ଯ୍ୟ ଉପକରଣ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ତେନ୍ତୁଲିଗୁମ୍ମା ସରପଞ୍ଚ ମନମତି ନାୟକ ଉପସ୍ଥିତ ଥିଲେ।

# ରାଇପାଡ଼ ଗ୍ରାମ ପରିଦର୍ଶନ କଲେ ଜଳଯୋଗାଣ ଯନ୍ତ୍ରୀ, ଜନପ୍ରତିନିଧି

ନନ୍ଦପୁର, ୨୭।୩ (ଡି.ଏନ.ଏ.)

- ସୀମାନ୍ତ ଗ୍ରାମରେ ପାନୀୟଜଳ ଯୋଗାଣ ପ୍ରସଙ୍ଗ
- ଆନ୍ଧ୍ରକୁ ନନ୍ଦପୁର ବ୍ଲକ ପ୍ରଶାସନର ମୁହଁତୋଡ ଜବାବ

ସୀମାନ୍ତରେ ପାଣିକୁ ଆୟୁଧ କରି ଆନ୍ଧ୍ରର ଅନୁପ୍ରବେଶ ଚାଲ ଶୀର୍ଷକ ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ସୋମବାର ବ୍ଲକ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବିଡିଓ ସୁଜିତ ମିଶ୍ରଙ୍କ ନିର୍ଦ୍ଦେଶରେ ଗ୍ରାମ୍ୟ ଜଳଯୋଗାଣ ଯନ୍ତ୍ରୀ କାହ୍ନୁ ଚରଣ ସେଠୀ ଓ ରବୀନ୍ଦ୍ରନାଥ ମାର୍ଣ୍ଡି, ଗୋଲୁର ପଞ୍ଚାୟତର ଭାରପ୍ରାପ୍ତ ସରପଞ୍ଚ, ସମିତି ସଭ୍ୟ ରାଇପାଡ଼ ଗ୍ରାମ ପରିଦର୍ଶନ କରି ସ୍ଥିତି ପରଖିଛନ୍ତି। ରାଇପାଡ ଗ୍ରାମଠାରୁ ୨୫୦ ମିଟର ଦୂରରେ ଥିବା ଏକ ଝରଣାର ପାଣିକୁ ପାଇପ ଯୋଗେ ଆଣି ଗ୍ରାମ ଭିତରେ ସ୍ଥାପିତ ପାଣିଟାଙ୍କିକୁ ଆନ୍ଧ୍ର ପ୍ରଶାସନ ସଂଯୋଗ କରି ଗ୍ରାମବାସୀଙ୍କୁ ଜଳ ଯୋଗାଣ ବ୍ୟବସ୍ଥା କରିଛି। ଘର ଘରକୁ ଜଳ ଯୋଗାଣ ଲାଗି ବିଛାଇବାକୁ ପାଇପ ଗଚ୍ଛିତ ରଖିଥିବା ଅଧିକାରୀମାନେ ଦେଖିବାକୁ ପାଇଥିଲେ। ସେମାନେ ଠିକାଦାରଙ୍କୁ କାମ ବନ୍ଦ କରିବାକୁ ତାଗିଦ୍ କରି ସେଠାରୁ ଫେରିଛନ୍ତି। ଏହି ସମୟରେ ଗ୍ରାମର ଜଣେ ବୃଦ୍ଧା ଜାମି ହନ୍ତାଳ ଗତ ୫ମାସ ହେଲା ଭତ୍ତା ପାଇ ନ ଥିବା ଜଣାଇଥିଲେ। ସେହିଭଳି ଗ୍ରାମର ୨୦ ପରିବାର ସେମାନଙ୍କୁ କାହାରିକୁ ଆବାସ ଯୋଜନାରେ ସାମିଲ କରାଯାଇ ନ ଥିବା ଅଧିକାରୀମାନଙ୍କୁ କହିଥିଲେ। ଅଧିକାରୀଙ୍କଠାରୁ ସମସ୍ତ ବିଷୟ ଅବଗତ ହେବା ପରେ ବିଡିଓ ମିଶ୍ର ଆସନ୍ତା ବୁଧବାର ଗ୍ରାମରେ ନଳକୂପ ଖନନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଦିନ ବ୍ଲକ, ତହସିଲ, ପୋଲିସ ଓ ଜନପ୍ରତିନିଧିଙ୍କ ଉପସ୍ଥିତିରେ ଆନ୍ଧ୍ରଦ୍ୱାରା ସ୍ଥାପିତ ପାଣିଟାଙ୍କିକୁ ପ୍ରଥମେ ହଟାଯିବ। ଏସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଯାଇ ପରବର୍ତ୍ତୀ ସମୟରେ ଗ୍ରାମରେ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟ କରାଯିବ ବୋଲି ବିଡିଓ ସୂଚନା ଦେଇଛନ୍ତି।

# କାମ କରିବାକୁ ବାହାର ରାଜ୍ୟ ନେଇ ଅର୍ଥ ଦେଲେନି ଠିକାଦାର

ମାଲକାନଗିରି, ୨୭।୩(ଡି.ଏନ.ଏ.)-

ମାଲକାନଗିରି ଜିଲା ଚାଲାଣଗୁଡା ପଞ୍ଚାୟତର ପେଦ୍ଦେଲଗୁଡା, କୋଡେଲଗୁଡା ଅଞ୍ଚଳର ଶ୍ରମିକମାନଙ୍କୁ କାର୍ଯ୍ୟ କରିବାକୁ କାଳିମେଳା ବ୍ଲକ ଏମପିଭି-୪୮ ଅଞ୍ଚଳର ଅନୁପ ଗାଇନ ଆନ୍ଧ୍ରର ଭଦ୍ରାଚଲମ୍‌ର ଗୁଣ୍ଡାଲନାରକୁ ନେଇଥିଲେ। ସେଠାରେ ଦୁଇମାସ କାର୍ଯ୍ୟ କରିବା ପରେ ଶ୍ରମିକମାନେ ନିଜର ପ୍ରାପ୍ୟ ମାଗିବାରୁ ସମ୍ପୃକ୍ତ ବ୍ୟକ୍ତି ସେମାନଙ୍କୁ କୌଣସି ଅର୍ଥ ନ ଦେଇ ଗାଳିଗୁଲଜ କରିଥିଲେ ବୋଲି ଶ୍ରମିକମାନେ ଅଭିଯୋଗ କରିଛନ୍ତି। ଶ୍ରମିକମାନେ ଅନେକ କଷ୍ଟରେ ସେଠାରୁ ନିଜ ଗ୍ରାମକୁ ଆସିଥିଲେ। ଏନେଇ ସମ୍ପୃକ୍ତ ଶ୍ରମିକମାନେ ନ୍ୟାୟ ଆଶାରେ ସୋମବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଜିଲା ପ୍ରଶାସନ ସହ ପୋଲିସ ଓ ଶ୍ରମ ଅଧିକାରୀଙ୍କୁ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି।

# ୩ ପୁତ୍ର ସନ୍ତାନ ଜନ୍ମ ଦେଲେ ମହିଳା

ନନ୍ଦପୁର, ୨୭।୩ (ଡି.ଏନ.ଏ.)-

ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ କୋରାପୁଟ ସ୍ଥାନାନ୍ତର ହୋଇଥିବା ଜଣେ ଗର୍ଭବତୀ ମହିଳା କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ତନୋଟି ପୁତ୍ର ସନ୍ତାନ ଜନ୍ମ ଦେଇଛନ୍ତି। ସେ ହେଲେ ଟିକରପଡ଼ା ପଞ୍ଚାୟତ ଦଣ୍ଡାଗୁରୁ ଗ୍ରାମର ହରି ଖଡାଙ୍କ ସ୍ତ୍ରୀ ସୁମିତ୍ରା। ତିନି ଛୁଆଙ୍କ ସମେତ ସୁମିତ୍ରାଭଲ ଥିବା ଡାକ୍ତର ସମର୍ପିତା ବେହେରା ସୂଚନା ଦେଇଛନ୍ତି।



# ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ, ଲକ୍ଷେ ଟଙ୍କା ଜରିମାନା

ମାଲକାନଗିର,୨୭।୩ (ଡି.ଏନ୍.ଏ.)

**ଗଞ୍ଜେଇ ଚୋରା ଚାଲାଣ ମାମଲାର ରାୟ**

ମାଲକାନଗିରି ଜିଲା ଦୌରା ଜଜ୍ ଅଜନ୍ତା ଷଡଙ୍ଗୀ ଏକ ଗଞ୍ଜେଇ ଚୋରା ଚାଲାଣ ଜନିତ ମାମଲାର ବିଚାର କରି ରାୟ ଶୁଣାଣି କରି ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧ଲକ୍ଷ ଟଙ୍କା ଜରିମାନା ଦେବାକୁ ରାୟରେ କହିଛନ୍ତି। ଏହା ଅନାଦାୟ ହେଲେ ଆଉ ଏକବର୍ଷ ଜେଲଦଣ୍ଡ ଭୋଗିବାକୁ ବିଚାରପତି ପ୍ରକାଶ କରିଛନ୍ତି।

ମାମଲାର ବିବରଣୀରୁ ଜଣାପଡିଛି, ଗତ ୨୧।୯।୨୦୨୧ରେ ଓର୍କେଲ ଥାନା ବିଙ୍ଗୁଗୁଡା ଗ୍ରାମର ଗଗୁଲୁ ପାଙ୍ଗୀ ତାଙ୍କ ଘରେ ଗଞ୍ଜେଇ ଚାଲାଣ ଲାଗି ରଖିଥିବା ଅବକାରୀ ବିଭାଗ ମୋବାଇଲ ଟିମ୍ କର୍ମଚାରୀ କୌଣସି ସୂତ୍ରରୁ ସୂଚନା ପାଇ ତାଙ୍କ ଘର ଉପରେ ଚଢାଉ କରିଥିଲା। ତାଙ୍କ ଘରୁ ୧୪୫ କେଜି ୬୦୦ ଗ୍ରାମ ଗଞ୍ଜେଇ ଜବତ କରି ଗଗୁଲୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। କେସ୍ ନଂ. ୫୨/୨୧ରେ ମାମଲା ରୁଜୁ ହୋଇ ସେବେଠାରୁ ଜିଲା ଦୌରା ଜଜ୍‌ଙ୍କ କୋର୍ଟରେ ମାମଲା ବିଚାରାଧୀନ ଥିଲା। ସାକ୍ଷୀମାନଙ୍କ ବୟାନକୁ ଆଧାର କରି ଏହାର ଶୁଣାଣି କରି ବିଚାରପତି ଗଗୁଲୁଙ୍କୁ ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ମାମଲାକୁ ସରକାରୀ ଆଇନଜୀବୀ ବିଜୟ ମହାନ୍ତି ପରିଚାଳନା କରୁଥିଲେ।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବାବଦ ଟଙ୍କା ନ ମିଳିବାରୁ ବିଡିଓଙ୍କୁ ତାଲା

ଜୟପୁର,୨୭।୩ (ନି.ପ୍ର.)

**ଧାରଣାରେ ବସିଲେ ୧୦ ପଞ୍ଚାୟତର ସରପଞ୍ଚ**

ଏମ୍‌ଜିଏନ୍‌ଆରଇଜିଏସ୍‌ରେ କାର୍ଯ୍ୟ କରି ଏବାବଦ ଟଙ୍କା ନ ମିଳିବାରୁ ସୋମବାର ଜୟପୁର ବିଡିଓ ରାଜୀବ ଦାସଙ୍କୁ ତାଙ୍କ କାର୍ଯ୍ୟାଳୟରେ ସରପଞ୍ଚଙ୍କ ସମେତ ଲୋକମାନେ ତାଲା ପକାଇ ଦେଇଛନ୍ତି। ପରେ ସେଠାରେ ସରପଞ୍ଚମାନେ ଧାରଣାରେ ବସିଥିଲେ। ଟଙ୍କା ଦେବାକୁ ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି। ଖବରରୁ ଜଣାପଡିଛି, ଜୟପୁର ବ୍ଲକର ୨୨ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହୋଇଥିଲା। ସେଥିରୁ ୧୨ଟି ପଞ୍ଚାୟତର ଲୋକଙ୍କୁ ସେମାନଙ୍କ ପ୍ରାପ୍ୟ ମିଳିଥିଲା। ଅନ୍ୟ ୧୦ଟି ପଞ୍ଚାୟତରେ ହୋଇଥିବା କାର୍ଯ୍ୟ ବାବଦ ପ୍ରାପ୍ୟ ଲୋକଙ୍କୁ ମିଳି ନ ଥିଲା। ଏ ସମ୍ପର୍କରେ ବୁଝିବା ଲାଗି ଡଙ୍ଗରଛିଞ୍ଚି ସରପଞ୍ଚ କମଳଲୋଚନ ଗାଦବାଙ୍କ ସମେତ ୧୦ଟି ପଞ୍ଚାୟତର ସରପଞ୍ଚମାନେ ବିଡିଓଙ୍କୁ ଭେଟି କାର୍ଯ୍ୟର ବିଲ୍ ପାସ୍ କରି ଟଙ୍କା ଦେବାକୁ ଦାବି କରିଥିଲେ। ବିଡିଓ ଦାସ ଟଙ୍କା ଦେବାକୁ ମନା କରିଥିଲେ। ଏହାକୁ ନେଇ ବିଡିଓ ଏବଂ ସରପଞ୍ଚମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଣିକି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ପଞ୍ଚାୟତଗୁଡିକରେ ଆଉ କୌଣସି କାର୍ଯ୍ୟ କରାଯିବ ନାହିଁ ବୋଲି ସେମାନେ ଚେତାବନୀ ଦେଇଥିଲେ। ପରେ ସମସ୍ତେ ଧାରଣାରେ ବସିଥିଲେ। କିଛି ସମୟ ପରେ ବିଡିଓ ଦାସ ସେମାନଙ୍କ ନିକଟରେ ପହଞ୍ଚି ବୁଝାସୁଝା କରି କିଛି ବ୍ୟବସ୍ଥା କରି ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେବାରୁ ସରପଞ୍ଚମାନେ ଧାରଣାରୁ ଉଠିଥିଲେ।



ଧାରଣାରେ ବସିଥିବା ସରପଞ୍ଚମାନେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୮ ମାର୍ଚ୍ଚ, ୨୦୨୩

### ନବରଙ୍ଗପୁର ବାଇପାସ୍ ରାସ୍ତା ନିର୍ମାଣ ପାଇଁ ଅର୍ଥ ମଞ୍ଜୁର

ନବରଙ୍ଗପୁର, ୨୭।୩(ବି.ପ୍ର.)-ନବରଙ୍ଗପୁର ଜିଲାକୁ କେନ୍ଦ୍ର ସରକାର ସ୍ୱତନ୍ତ୍ର ଧ୍ୟାନ ଦେଇ ଆସୁଛନ୍ତି। ଅର୍ଥନୈତିକ କରିଡ଼ର ଭାରତମାଳା ପରିଯୋଜନାରେ ରାୟପୁରଠାରୁ ବିଶାଖାପାଟଣା ରାସ୍ତା ନିର୍ମାଣ ଦ୍ରୁତଗତିରେ ଚାଲିଛି। କେନ୍ଦ୍ର ସରକାର ନବରଙ୍ଗପୁର ସହରରେ ବାଇପାସ୍ ରାସ୍ତା ନିର୍ମାଣ ପାଇଁ ୧୬୯ କୋଟି ୨୭ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ନବରଙ୍ଗପୁର ସହର ଦେଇ ୨୬ ନମ୍ବର ଏନ୍‌ଏଚ୍ ଯାଇଛି। ଓସାରିଆ ଥିବାରୁ ଟ୍ରାଫିକ ସମସ୍ୟା ସହ ଦୁର୍ଘଟଣାରେ ଅନେକ ଜୀବନ ହାନି ହେଉଛି। ଦୀର୍ଘ ଦିନର ଦାବିକୁ କେନ୍ଦ୍ର ସରକାର ମାନିଥିବାରୁ ସହରବାସୀ ଖୁସି ଅଛନ୍ତି। ରାସ୍ତା ପାଇଁ କେନ୍ଦ୍ର ସରକାର ଟଙ୍କା ମଞ୍ଜୁର କରିଥିବାରୁ ପ୍ରଧାନମନ୍ତ୍ରୀ, କେନ୍ଦ୍ର ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀଙ୍କୁ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୌରୀଶଙ୍କର ମାଝୀ କୃତଜ୍ଞତା ଜଣାଇଛନ୍ତି।



## ସଂକ୍ଷେପରେ

### ନବରଙ୍ଗପୁର ଜିଲାରୁ ଗଲେ ୧୭୦ ତୀର୍ଥଯାତ୍ରୀ

#### ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା

ନବରଙ୍ଗପୁର, ୨୭।୩(ବି.ପ୍ର.)-ଓଡିଶା ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ନବରଙ୍ଗପୁର ଜିଲା ପ୍ରଶାସନ ପକ୍ଷରୁ ୪ଟି ସ୍ୱତନ୍ତ୍ର ବସ ଯୋଗେ ଜିଲାର ୧୦ ବ୍ଲକ ଓ ୨ ପୌରପାଳିକାରୁ ୧୭୦ ଜଣ ବରିଷ୍ଠ ନାଗରିକ ରାୟଗଡ଼ା ଅଭିମୁଖେ ଯାତ୍ରା କରିଛନ୍ତି। ମଙ୍ଗଳବାର ୧୨.୪୫ରେ ରାୟଗଡ଼ାରୁ ଏକ ସ୍ୱତନ୍ତ୍ର ଟ୍ରେନ ଯୋଗେ ତୀର୍ଥଯାତ୍ରା ଆରମ୍ଭ କରିବେ। ତୀର୍ଥଯାତ୍ରୀମାନେ ଭେଲୋର୍, ତିରୁପତି, ଶ୍ରୀକଳାହସ୍ତୀ ବୁଲି ଏପ୍ରିଲ ୨ରେ ଫେରିବେ। ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନି, ଜିଲାପାଳ ଡକ୍ଟର କମଳ ଲୋଚନ ମିଶ୍ର ତୀର୍ଥଯାତ୍ରୀଙ୍କୁ ଭଲରେ ବୁଲି ଫେରି ଆସିବାକୁ କହି ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ । ତୀର୍ଥଯାତ୍ରୀଙ୍କୁ ନେବା ଆଣିବା ଓ ତାଙ୍କର ସୁବିଧା ଅସୁବିଧା ବୁଝିବା ପାଇଁ ୬ଜଣ ଅଧିକାରୀଙ୍କୁ ସାଙ୍ଗରେ ପଠା ଯାଇଛି। ଜିଲା କ୍ରୀଡ଼ାଧିକାରୀ ମହେନ୍ଦ୍ର କୁମାର ସାହୁ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଛି।

### ସଂଖ୍ୟା ଜ୍ଞାନ ପ୍ରଶିକ୍ଷଣ ଶିବିର

ତେନ୍ତୁଲିଖୁଣ୍ଟି, ୨୭।୩(ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକସ୍ଥିତ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ବ୍ଲକ ସ୍ତରୀୟ 'ପ୍ରାରମ୍ଭ' ତାଲିମ ସୋମବାରରୁ ଆରମ୍ଭ ହୋଇଛି। 'ପ୍ରାରମ୍ଭ' ରାଜ୍ୟ ସରକାରଙ୍କ ଏକ ଅଭିନବ ପ୍ରୟାସ। ଛାତ୍ରୀଛାତ୍ରଙ୍କୁ ସରଳ ଭାବେ ସଂଖ୍ୟାଜ୍ଞାନ ଆଦି ଶିକ୍ଷା କିପରି ଦିଆଯିବ ସେ ସମ୍ପର୍କରେ ତାଲିମ ମିଳିବ। ଏହି ଶିବିରରେ ସଞ୍ଜୀବ ସାହୁ, ଜଗଦେବ କେଶରୀ ସାମନ୍ତ, ମୃତ୍ୟୁଞ୍ଜୟ ମିଶ୍ର ତାଲିମ ପ୍ରଦାନ କରୁଛନ୍ତି। ବିଇଓ ସୌମେନ୍ଦ୍ର ଭୌମିକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଶିବିର ପରିଚାଳନା କରାଯାଉଛି। ଏବିଇଓ ମୋହନ ମଧୁସୂଦନ ବାଘ ଓ ଗୋରାଚାନ୍ଦ ତ୍ରିପାଠୀ ଏଥିରେ ସହଯୋଗ କରୁଛନ୍ତି। ୬ଟି ପର୍ଯ୍ୟାୟରେ ତାଲିମ ପ୍ରଦାନ କରାଯିବ। ଗୋଟିଏ ପର୍ଯ୍ୟାୟରେ ୫୦ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ତାଲିମ ନେଉଛନ୍ତି।

### ଅସରାଏ ବର୍ଷାରେ ଘରେ ପଶିଲା କାଦୁଅ ପାଣି



ନନ୍ଦାହାଣ୍ଡି, ୨୭।୩,(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ପଡାଳଗୁଡ଼ା ଗ୍ରାମରେ ଡ୍ରେନ ପୋତି ହୋଇଯାଇଥିବାରୁ ଅସରାଏ ବର୍ଷାରେ ରାସ୍ତାରେ ମଇଳା ପାଣି ଜମି ଏବେ ଘର ଭିତରେ ପଶିଛି। ଉକ୍ତ ସ୍ଥାନଟି ଜିଲାପାଳଙ୍କ କାର୍ଯ୍ୟାଳୟରୁ ମାତ୍ର ୨ କିଲୋମିଟର ଦୂରରେ। ପ୍ରତ୍ୟେକ ଦିନ ବହୁ ସରକାରୀ କର୍ମଚାରୀ ଏହି ରାସ୍ତା ଦେଇ ଯିବା ଆସିବା କରନ୍ତି। କିନ୍ତୁ ସେମାନଙ୍କ ନଜରକୁ ଡ୍ରେନ୍ ସମସ୍ୟାଟି ନ ଆସିବା ବିଡ଼ମ୍ବନାର ବିଷୟ। ୨ଦିନ ତଳେ କେତେଜଣ ଛୋଟ ପିଲା ମିଶି ଏହି ରାସ୍ତାକୁ ସମତୁଲ କରିବାର ଚେଷ୍ଟା କରିଥିଲେ। ତଥାପି କୌଣସି ପ୍ରଶାସନିକ ଅଧିକାରୀ କିମ୍ବା ଜନ ପ୍ରତିନିଧିଙ୍କ ଦୃଷ୍ଟି ଏଥିପ୍ରତି ପଡିନାହିଁ। ନିର୍ବାଚନ ପୂର୍ବରୁ ରାସ୍ତା ଏବଂ ଡ୍ରେନ୍‌ର ବ୍ୟବସ୍ଥା କରିବାର ପ୍ରତିଶ୍ରୁତି ଦେଇ ଏବେ ତାହା ପ୍ରତି ଦୃଷ୍ଟି ନ ଦେବା ସ୍ଥାନୀୟ ବାସିନ୍ଦାଙ୍କୁ ବ୍ୟଥିତ କରିଛି। ଖରା ଦିନେ ଏହି ଭଳି ଅସୁବିଧା ହେଉଥିବା ବେଳେ ବର୍ଷା ଦିନରେ ଏହା ସମସ୍ୟା ବଢ଼ିବ। ଏଣୁ ଏହାର ସମାଧାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ରାଜ୍ୟ କଳାକାର ସଂଘ ସଭାପତିଙ୍କ ଚନ୍ଦାହାଣ୍ଡି ଗସ୍ତ

ଚନ୍ଦାହାଣ୍ଡି, ୨୭।୩(ଡି.ଏନ୍.ଏ.)-ରାଜ୍ୟ ପ୍ରାଚୀନ କଳା ଓ ସଂସ୍କୃତି ପୁନଃ ଉଦ୍ଧାର ପରିଷଦ ରାଜ୍ୟ ସଭାପତି ତ୍ରିମାନ ମାଝି ନବରଙ୍ଗପୁର ଜିଲା ଗସ୍ତ କରିଛନ୍ତି। ସେ ଚନ୍ଦାହାଣ୍ଡି ବ୍ଲକ କଳା ଓ ସଂସ୍କୃତି ସଂଘ ସହ ଏକ ସୌଜନ୍ୟ ମୂଳକ ସାକ୍ଷାତ କରିଛନ୍ତି। ଚନ୍ଦାହାଣ୍ଡିରେ ପ୍ରାଚୀନ କଳା ଖୁନ୍ଦି ହୋଇ ରହିଛି, ଏହାକୁ ଉଦ୍‌ଜୀବିତ କରିବା ଆମ ସମସ୍ତଙ୍କ କର୍ତ୍ତବ୍ୟ। ଏ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ ବୋଲି ସେ କହିଛନ୍ତି। ନୂଆପଡ଼ା ଜିଲା ସଭାପତି ବଳରାମ ସୋନି ଏବଂ ବରିଷ୍ଠ କଳାକାର ବ୍ରିଜ ଲାଲ୍ ଦାସ ସମସ୍ତଙ୍କୁ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଏହି ସାକ୍ଷାତକାରରେ ବରିଷ୍ଠ କଳାକାର ପୁରୁଷୋତ୍ତମ ପାରି, ବିକେଏସ୍‌ଏସ୍ ଉପ ସଭାପତି ଭୀମସେନ ଡଙ୍ଗର, ଗଗନେଶ୍ୱର୍ ଚୌହାନ, ଜୀତେନ୍ଦ୍ର ଦାଶ, ମଠା ସିଂ ଚୌହାନ, ଶ୍ୟାମଲାଲ ନାଗେଶ, ଉମ୍ବଧର ନିଆଲ, ଭୀମସେନ ଦାଣ୍ଡିଆ ଏବଂ ସନ୍ତୋଷ ଖମାରୀ, ସମାଜିକ କର୍ମୀ ଦିଲ୍ଲୀପ ଦାସ ଉପସ୍ଥିତ ଥିଲେ।

### ବଜ୍ରପାତରେ ୩ ଗାଈ ମୃତ

ତେନ୍ତୁଲିଖୁଣ୍ଟି,(ଡି.ଏନ୍.ଏ.)-ତେନ୍ତୁଲିଖୁଣ୍ଟି ବ୍ଲକ ପୂଜାରିଗୁଡା ପଞ୍ଚାୟତର ଖୁଣ୍ଟିପଦର ଗ୍ରାମରେ ସୋମବାର ଅପରାହ୍ନରେ ଘଡ଼ଘଡ଼ି ସହ ବର୍ଷା ଓ ବଜ୍ରପାତରେ ୩ ଗାଈଙ୍କ ମୃତ୍ୟୁ ଘଟିଛି। ମୃତ ଗାଈଙ୍କ ମାଲିକ ପୂଜାରୀଗୁଡ଼ା ପଞ୍ଚାୟତ ଖୁଣ୍ଟିପଦର ଗାଁର ଶିବ ସାନ୍ତା, ତିଲି ସାନ୍ତା, କୁମର ସାନ୍ତାଙ୍କୁ କ୍ଷତିପୂରଣ ଦେବାକୁ ଚାଷୀ କୁମର ପୂଜାରୀ ଦାବି କରିଛନ୍ତି।

# ସତିଘାଟ ନଦୀବନ୍ଧକୁ ଗ୍ରାମବାସୀଙ୍କ ବିରୋଧ

- ଜିଲାପାଳଙ୍କୁ ଭେଟି ଜଣାଇଲେ ଅଭିଯୋଗ
- ଡ୍ୟାମ୍ ହେଲେ ୧୫୦ ଏକର ଚାଷଜମି ପାଣିରେ ବୁଡ଼ିଯିବା ଆଶଙ୍କା



ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

ନବରଙ୍ଗପୁର, ୨୭।୩(ବି.ପ୍ର.)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଚଚା ପଞ୍ଚାୟତ ଗବାଗୁଡ଼ା ଗ୍ରାମରେ ପ୍ରସ୍ତାବିତ ସତୀଘାଟ ନଦୀବନ୍ଧ ପ୍ରକଳ୍ପକୁ ଗ୍ରାମବାସୀ ବିରୋଧ କରିଛନ୍ତି। ପ୍ରକଳ୍ପ କାମ ଆରମ୍ଭ ନ କରିବାକୁ ଜିଲାପାଳ କମଳ ଲୋଚନ ମିଶ୍ରଙ୍କୁ ଭେଟି ସେମାନେ ଦାବି ଜଣାଇଛନ୍ତି।

କିଛି ଦିନ ତଳେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଗସ୍ତ କରି ଗ୍ରାମ ସୀମା ମଧ୍ୟରେ ସତୀଘାଟ ନଦୀବନ୍ଧ ପ୍ରକଳ୍ପ ପାଇଁ ଜାଗା ପରିଦର୍ଶନ କରି ଯାଇଅଛନ୍ତି। ସେହି ଡ୍ୟାମ ନିର୍ମାଣ ହେଲେ ଜମିଗୁଡିକ କ୍ଷତି ହେବାର ଆଶଙ୍କା ଅଛି। ସତୀଘାଟ ଡ୍ୟାମ ହେବାଦ୍ୱାରା ଗ୍ରାମର ପ୍ରାୟ ୫୦ ଆଦିବାସୀ ପରିବାରର ୧୫୦ ଏକର ଚାଷଜମି ପାଣିରେ ବୁଡିଯିବା ଆଶଙ୍କା ରହିଛି। ଏଣୁ ଏହି ସତୀଘାଟ ନଦୀବନ୍ଧ କାର୍ଯ୍ୟ ବନ୍ଦ କରିବା ଆବଶ୍ୟକ ବୋଲି ଗଡବାଗୁଡା ଗାଁର ଆଦିବାସୀ ଓ ଅନ୍ୟ ପାରମ୍ପାରିକ ବନବାସୀ ଦାବି କରିଛନ୍ତି। ନବରଙ୍ଗପୁର ଜିଲା ପଞ୍ଚମ ଅନୁସୂଚିତ ଜିଲା ହୋଇଥିବା ହେତୁ ୧୯୯୬ ପେଶା ଆଇନ୍ ଓ ଜଙ୍ଗଲ ଅଧିକାର ଆଇନ୍ ୨୦୦୬ ନିୟମ ଅନୁଯାୟୀ କୌଣସି ପ୍ରକଳ୍ପ ନିମନ୍ତେ ଜମି ଅଧଗ୍ରହଣ ପୂର୍ବରୁ ଗ୍ରାମସଭା ନିହାତି ହେବା ଆବଶ୍ୟକ ରହିଛି। ଯାହାକି ବର୍ତ୍ତମାନ ସୁଦ୍ଧା କରାଯାଇନାହିଁ। ସତୀଘାଟ ନଦୀବନ୍ଧ ନିର୍ମାଣ ହେଲେ ଗ୍ରାମର ମାଁ ପାଟରାଣୀ ପୀଠ, ମାଁ କାଳୀ ସୁନ୍ଦରୀ, ମାଁ ଲୁଆଗାନୀ ଓ ଗ୍ରାମ ମଶାଣି ସମ୍ପୂର୍ଣ୍ଣ ପାଣିରେ ବୁଡିଯିବ। ତେଣୁ ଏହି ସତୀଘାଟ ନଦୀବନ୍ଧ କାର୍ଯ୍ୟ ବନ୍ଦ କରାଯାଉ ବୋଲି ଗ୍ରାମବାସୀ ଜଣାଇଛନ୍ତି। ଗ୍ରାମସଭାର ବିନା ଅନୁମତିରେ କୌଣସି ପ୍ରକାର ପ୍ରକଳ୍ପ କାର୍ଯ୍ୟ ଗବାଗୁଡ଼ା ଗ୍ରାମର ପାରମ୍ପାରିକ ସନ୍ଧିସୀମା ମଧ୍ୟରେ କରା ନ ଯାଉ ବୋଲି ଦାବି ହୋଇଛି।

# ଚିତାବେଢ଼ାରେ ବିଜେଡିର ମହିଳା ସମାବେଶ

ଝରିଗାଁ, ୨୭।୩(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଅଧୀନ ଚିତାବେଢ଼ା ଗ୍ରାମରେ ବିଜେଡି ପକ୍ଷରୁ ଝରିଗାଁ ନିର୍ବାଚନ ମଣ୍ଡଳୀସ୍ତରୀୟ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଉଠା ଜଳସେଚନ ନିଗମର ଉପଦେଷ୍ଟା ପ୍ରମୋଦ ପାଢୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାବେଶରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ରମେଶ ଚନ୍ଦ୍ର ମାଝୀ, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ, ରାଜ୍ୟ ବିଜେଡି ମହିଳା କାର୍ଯ୍ୟକାରୀ ସଭାନେତ୍ରୀ ନିବେଦିତା ମହାନ୍ତି, ଜିଲା ସଭାନେତ୍ରୀ ମଞ୍ଜୁଳା ମାଝୀ, ଜିଲା ମହିଳା ପର୍ଯ୍ୟବେକ୍ଷକ ରୁନୁ ଜେନା, ଉମରକୋଟ ପୌରାଧକ୍ଷା ରାଧା ଭତ୍ରା, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ପ୍ରିୟ ରଞ୍ଜନ ଦାସ, ବ୍ଲକ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମାଝୀ, ସୁମିତ୍ରା ପୂଜାରୀ, ସୁଶିଳା ମାଝି, ଉପଧ୍ୟକ୍ଷା ମନଦେଇ ମାଝୀ, ବାସୁଦେବ ଗୌଡ଼, ମୋହନ ନାୟକ,ବ୍ଲକ ବିଜେଡି ସଭାପତି ଟିକଚାନ୍ଦ ମାଝୀ,ଅଜିତ ପ୍ରଧାନ,ଗୌର ହରି ନାୟକ, ବିଧାୟକ ପ୍ରତିନିଧି ରାମଧର ମାଝୀ,ସଞ୍ଜୟ ଗୁପ୍ତା ଏବଂ ଝରିଗାଁ, ଉମରକୋଟ ଏବଂ ଚନ୍ଦାହାଣ୍ଡି ବ୍ଲକର ଜିଲା ପରିଷଦ ସଭ୍ୟ ବର୍ଷାରାଣୀ ପଟେଲ, ତ୍ରମିଳା ପୂଜାରୀ, ଯମୁନା ଗଣ୍ଡ, ଡାଳିମ୍ବ ଭତ୍ରା, ଶ୍ୟାମ ସୁନ୍ଦର ନାୟକ, ସରପଞ୍ଚ, ସମିତି ସଭ୍ୟ ଏବଂ ନାରିନେତ୍ରୀ ପ୍ରମୁଖ ଅତିଥି ଭାବେ ମଞ୍ଚସୀନ ଥିଲେ। ମୁଖ୍ୟମନ୍ତ୍ରୀ ମହିଳାମାନଙ୍କୁ ସଶକ୍ତ ଏବଂ ସ୍ୱାବଲମ୍ବୀ କରିବାକୁ ବିଭିନ୍ନ ଯୋଜନା କରୁଥିବା ବେଳେ ବିଧାନସଭାରୁ ସଂସଦ ପର୍ଯ୍ୟନ୍ତ ସଂରକ୍ଷଣ ବ୍ୟବସ୍ଥା ନିମନ୍ତେ ଉଦ୍ୟମ ଚଳାଇଥିବା ଏମ୍‌ପି ମାଝୀ କହିଥିଲେ। ଝରିଗାଁ ବିଧାୟକ ମାଝୀ ମିଶନ ଶକ୍ତି, ମହିଳା ସଶକ୍ତୀକରଣ, ସ୍ୱାସ୍ଥ୍ୟସେବା ଆଦି ଯୋଜନା ସମ୍ପର୍କରେ ବୁଝାଇଥିଲେ। ସମାବେଶରେ ଉପସ୍ଥିତ ମହିଳାମାନେ ନିଜ ଗାଁରେ ପ୍ରତ୍ୟେକଙ୍କୁ ଏହା ଅବଗତ କରାଇବା ଲାଗି ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀ ମହିଳାମାନଙ୍କୁ ସ୍ୱାବଲମ୍ବୀ କରି ସମାଜରେ ସମ୍ମାନର ସହିତ ବଞ୍ଚିବାର ରାହା ଦେଖାଇଥିବାରୁ କାର୍ଯ୍ୟକାରୀ ସଭାନେତ୍ରୀ ନିବେଦିତା ମହାନ୍ତି ଉପସ୍ଥିତ ମହିଳାଙ୍କ ପକ୍ଷରୁ କୃତଜ୍ଞତା ଜଣାଇଥିଲେ। ଝରିଗାଁ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଝରିଗାଁ, ଉମରକୋଟ ଏବଂ ଚନ୍ଦାହାଣ୍ଡି ବ୍ଲକରୁ ପ୍ରାୟ ୮ ହଜାର ମହିଳା ସମାବେଶରେ ଯୋଗ ଦେଇଥିବା ବେଳେ ବିଜେଡ଼ିର ଏହା ଏକ ପ୍ରକାର ଶକ୍ତି ପ୍ରଦର୍ଶନ ବୋଲି ଚର୍ଚ୍ଚା ହୋଇଛି।




ସମାବେଶରେ ଏମ୍‌ପି ରମେଶଚନ୍ଦ୍ର ମାଝି ଉଦ୍‌ବୋଧନ ଦେଉଛନ୍ତି ।

# ଦାବି ପ୍ରତି ଧ୍ୟାନ ନ ଦେଲେ ଜୋର୍‌ଦାର ଆନ୍ଦୋଳନ ଚେତାବନୀ

### ଓଡ଼ିଶା ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଂଘର ୧୧ ଦଫା ଦାବି

ତେନ୍ତୁଲିଖୁଣ୍ଟି, ୨୭।୩(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକରେ ଓଡ଼ିଶା ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଂଘ ବ୍ଲକ ଶାଖା ସଦସ୍ୟମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୧ଦଫା ସମ୍ବଳିତ ଏକ ଦାବିପତ୍ର ଏବିଡିଓ କୃପାସିନ୍ଧୁ ନାୟକଙ୍କୁ ପ୍ରଦାନ କରିଛନ୍ତି। ଦାବି ପୂରଣ ନ ହେଲେ ଆନ୍ଦୋଳନ ଜୋରଦାର କରାଯିବ ବୋଲି ସଂଘ ଚେତାବନୀ ଦେଇଛି।

୨୦୨୨ ଜୁଲାଇ ୧୩ ପୂର୍ବରୁ କାର୍ଯ୍ୟରେ ଯୋଗଦେଇଥିବା ସମସ୍ତ ଆଉଟସୋର୍ସିଂ କର୍ମଚାରୀଙ୍କୁ ନିୟମିତ, ଆପରାଧିକ ମାମଲା ଏବଂ ଆର୍ଥିକ ଅନିୟମିତତା ବ୍ୟତୀତ କର୍ମଚାରୀଙ୍କୁ କାର୍ଯ୍ୟରୁ ନିବୃତ ନ କରିବା, ପୂର୍ବରୁ ଯେଉଁମାନଙ୍କୁ କର୍ମବିରତ କରାଯାଇଛି ସେମାନଙ୍କୁ ପୁନଃ କର୍ମରେ ନିୟୋଜିତ, ନିୟମିତ ପରେ ଗ୍ରୁପ୍ ସି କର୍ମଚାରୀଙ୍କୁ ମାସିକ ୩୦ହଜାର ଏବଂ ଗ୍ରୁପ୍ ଡି କର୍ମଚାରୀଙ୍କୁ ୨୧,୦୦୦ ଟଙ୍କା ଦରମା, ବାର୍ଷିକ ୧୦ ପ୍ରତିଶତ ଦରମା ବୃଦ୍ଧି, ଇଏସ୍‌ଆଇ ଏବଂ ଇପିଏଫ୍‌ର ଡିଡିଓ ଜମା କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଏଥିସହ ୬ ବର୍ଷ କାର୍ଯ୍ୟ କରିବା ପରେ ଦୁର୍ଘଟଣାରେ ଅକର୍ମଣ୍ୟ ହେଲେ ୬ ଲକ୍ଷ ଏବଂ ମୃତ୍ୟୁ ହେଲେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅନୁକମ୍ପା ପ୍ରଦାନ, ମୃତ୍ୟୁ ପରେ ତାଙ୍କର ଉତ୍ତରାଧିକାରୀଙ୍କୁ ଆଉଟସୋର୍ସିଂ ଅବା ଦୈନିକ ହାରରେ ଚାକିରି ଦେବାକୁ ଦାବି ହୋଇଛି। ପୂର୍ବରୁ ଏହି ଦାବି ମୁଖ୍ୟମନ୍ତ୍ରୀଙ୍କ ସମେତ ମୁଖ୍ୟ ଶାସନ ସଚିବଙ୍କୁ ଜଣାଇବା ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ସଂଘ ଅଭିଯୋଗ କରିଛି। ଏହା ବିରୋଧରେ ୨୫ ତାରିଖରୁ ସଂଘ ପକ୍ଷରୁ ଭୁବନେଶ୍ୱରଠାରେ ଧାରଣା ଦିଆଯାଉଛି। ତଥାପି ମଧ ସେମାନଙ୍କ ଦାବି ପ୍ରତି କେହି ଗୁରୁତ୍ୱ ଦେଉନାହାନ୍ତି ବୋଲି ସଦସ୍ୟମାନେ ଅଭିଯୋଗ କରିଛନ୍ତି। ଶୀଘ୍ର ଦାବି ପୂରଣ କରା ନ ଗଲେ ସଂଘ ଆନ୍ଦୋଳନ ଜୋର୍‌ଦାର କରିବ ବୋଲି ଚେତାବନୀ ଦେଇଛି। ଦାବିପତ୍ର ପ୍ରଦାନ ବେଳେ ଆଉଟସୋର୍ସିଂ କର୍ମଚାରୀ ମହାସଂଘ ବ୍ଲକ ଶାଖା ସଭାପତି ପ୍ରକାଶ ସୁନା, ସମ୍ପାଦକ ଗୀତାଞ୍ଜଳି ଗଣ୍ଡା, କୋଷାଧ୍ୟକ୍ଷ ଉମା ମାହେଶ୍ୱରୀ, କୁନେଶ ବିଶ୍ୱାଲଙ୍କ ସମେତ ବ୍ଲକରେ କାର୍ଯ୍ୟରତ ସମସ୍ତ ଆଉଟସୋର୍ସିଂ କର୍ମଚାରୀ ଉପସ୍ଥିତ ଥିଲେ।



ତେନ୍ତୁଲିଖୁଣ୍ଟି ଏବିଡିଓ କୃପାସିନ୍ଧୁ ନାୟକ ଦାବିପତ୍ର ଗ୍ରହଣ କରୁଛନ୍ତି।

# କୋଳିଗଛରୁ ମହିଳାଙ୍କ ମୃତଦେହ ଜବତ

ଡାବୁଗାଁ, ୨୭।୩ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ କେନ୍ଦୁଗୁଡ଼ା ଗ୍ରାମ ନିକଟ ଏକ କୋଳି ଗଛରୁ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ସୋମବାର ସକାଳୁ ମିଳିଛି। ସେ ହେଲେ ପାପଡ଼ାହାଣ୍ଡି ବ୍ଲକ ମୁଣ୍ଡିଗୁଡ଼ା ଗ୍ରାମର ରଞ୍ଜିତ ଗୌଡ଼ଙ୍କ ସ୍ତ୍ରୀ ତୁଳସୀ (୨୧)।

ସୂଚନାନୁଯାୟୀ, ଡାବୁଗାଁ ଥାନା ଅଧୀନ କେନ୍ଦୁଗୁଡ଼ା ଗ୍ରାମର ତୁଳସୀ ଗତବର୍ଷ ମୁଣ୍ଡିଗୁଡ଼ା ଗ୍ରାମର ରଞ୍ଜିତଙ୍କୁ ବିବାହ କରିଥିଲେ। କିଛି ମାସ ତଳେ ରଞ୍ଜିତ କୁଲି କାମ କରିବାକୁ ଅନ୍ୟ ରାଜ୍ୟକୁ ଯାଇଥିଲେ। ସ୍ୱାମୀ ନ ଥିବାରୁ ପ୍ରାୟ ୨୦ ଦିନ ହେବ ତୁଳସୀ ବାପଘର କେନ୍ଦୁଗୁଡ଼ାକୁ ଯାଇ ରହୁଥିଲେ। ୪ଦିନ ତଳେ ରଞ୍ଜିତ ଗାଁକୁ ଫେରିବାପରେ ତୁଳସୀଙ୍କୁ ନେବାକୁ ଶଶୁରଘର କେନ୍ଦୁଗୁଡ଼ାକୁ ଆସିଥିଲେ। ୨ଦିନ ପରେ ମୁଣ୍ଡିଗୁଡ଼ା ଯିବା ପାଇଁ ଉଭୟେ ସ୍ଥିର କରିଥିଲେ। ରବିବାର ସକାଳୁ ତୁଳସୀ ଶୌଚ ପାଇଁ ଗ୍ରାମପାଖ ଆଡ଼ିବନ୍ଧକୁ ଯାଇଥିଲେ। ପୂର୍ବାହ୍ନ ୧୧ଟା ସୁଦ୍ଧା ନ ଫେରିବାରୁ ତାଙ୍କ ପରିବାର ଓ ସ୍ୱାମୀ ରଞ୍ଜିତ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। କିନ୍ତୁ ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ସୋମବାର ସକାଳ ୮ଟାରେ ଆଡ଼ିବନ୍ଧ ପାଖରେ ଥିବା ଜଙ୍ଗଲ ମଧ୍ୟରେ ଏକ କସମ କୋଳିଗଛରେ ତୁଳସୀଙ୍କ ଝୁଲନ୍ତା ମୃତଦେହ ମିଳିଥିବାନେଇ ପରିବାର ଲୋକେ ଖବର ପାଇଥିଲେ। ପରିବାର ଲୋକେ ସେଠାରେ ପହଞ୍ଚିଥିଲେ। ରଞ୍ଜିତ ଏ ନେଇ ଡାବୁଗାଁ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ସବ୍‌ଇନ୍ସପେକ୍ଟର ବିଜୁରାମ ବାଗ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ଡାବୁଗାଁ ଅତିରିକ୍ତ ତହସିଲଦାର ସତୀଶ କୁମାର ବଇନିଙ୍କ ଉପସ୍ଥିତିରେ ମୃତଦେହ ପଞ୍ଚନାମା କରାଯାଇଥିଲା। ପରେ ବ୍ୟବଚ୍ଛେଦ ପାଇଁ ମୃତଦେହ ଡାବୁଗାଁ ଡାକ୍ତରଖାନାକୁ ପଠାଯାଇଥିଲା। ବ୍ୟବଚ୍ଛେଦ ପରେ ମୃତହେଦ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଥାନା କେସ୍ ନଂ. ୧୪/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

# ଜିଲାପାଳଙ୍କ ଜନଶୁଣାଣି ଶିବିର

ପାପଡାହାଣ୍ଡି, ୨୭।୩, (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡଃ କମଳଲୋଚନ ମିଶ୍ର, ଉପଜିଲାପାଳ ପ୍ରଶାନ୍ତ ରାଉତ, ଏସ୍‌ପି ଏସ୍.ସୁଶ୍ରୀ, ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ଅନ୍ୟା ଦାଶ, ବ୍ଲକ ଅଧକ୍ଷା ହେମଲତା ମାଝି, ବ୍ଲକ ଉପାଧକ୍ଷ ସୁଶାନ୍ତ ବେହେରା, ବିଡିଓ ଦିବାକର ବାଗ ଏବଂ ଅନ୍ୟ ଅଧିକାରୀ ଉପସ୍ଥିତ ରହି ୨୩ ପଞ୍ଚାୟତରୁ ଅସିଥିବା ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ ୩୪ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ଜନଶୁଣାଣି କାର୍ଯ୍ୟକ୍ରମ ପରେ ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ରଙ୍କ ଉପସ୍ଥିତିରେ ଜିଲାପାଳ ଜଣେ ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ଓ ୨୩ ଜଣଙ୍କୁ ପେନସନ ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀ ଓ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ।



ଅଧିକାରୀମାନଙ୍କ ସହ ସରକାରୀ ସହାୟତା ପାଇଥିବା ହିତାଧିକାରୀ।

# ମା'ଙ୍କ ନବଦିନ ଯାତ୍ରା ଆରମ୍ଭ

ଉମରକୋଟ, ୨୭।୩(ସ୍ୱ.ପ୍ର.)

ମା ଜଗତ ଜନନୀ ଠାକୁରାଣୀଙ୍କ ନବଦିନାତ୍ମକ ଯାତ୍ରା ସୋମବାରରୁ ଆରମ୍ଭ ହୋଇଛି । ମାଁଙ୍କ ଆଗମନକୁ ଦେଖି ଉମରକୋଟ ସହର ଚଳଚଞ୍ଚଳ ହୋଇ ପଡ଼ିଛି। ସୋମବାର ଝରିଗାଁ ରୋଡସ୍ଥିତ ମା'ଙ୍କ ମନ୍ଦିରରୁ ଏକ ବିରାଟ ଶୋଭାଯାତ୍ରାରେ ଭକ୍ତ ମାଁଙ୍କୁ ପାଛୋଟି ଆଣିଥିଲେ। ମାଁଙ୍କ ଘଣ୍ଟ, କଳସ ମଙ୍ଗଳା ମନ୍ଦିରରୁ ବାହାରି ଜଗନ୍ନାଥ ମନ୍ଦିର ନିକଟରେ ଥିବା ବାପ ଘରକୁ ଯାଇ ବିଶ୍ରାମ ନେଇଥିଲେ। ଏହି ସମୟରେ ବାଜା, ମହୁରୀ,ଆତସବାଜି ଶବ୍ଦରେ ସହର କମ୍ପି ଉଠିଥିଲା। ଏବଂ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ମଙ୍ଗଳବାର ସ୍ଥାନୀୟ ଲୋକ ମାଁଙ୍କୁ ଦର୍ଶନ କରିବେ। ବୁଧବାରରୁ ମା'ଙ୍କ ଘଟ ସହର ପରିକ୍ରମା କରିବ। ଏହି ଯାତ୍ରାରେ ସାମିଲ ହେବାପାଇଁ ଆଖପାଖ ଅଞ୍ଚଳ ସହ ପଡୋଶୀ ଜିଲା ଓ ରାଜ୍ୟରୁ ଭକ୍ତ ଆସିଥାନ୍ତି। ମୀନାବଜାରରେ ଛତିଶଗଡ଼, ଆନ୍ଧ୍ର ଓ ମହାରାଷ୍ଟ୍ରର ବେପାରୀମାନେ ଅନେକ ଘରକରଣା ଉପକରଣ, ଘର ସଜ୍ଜା ଓ ହସ୍ତକଳା ସାମଗ୍ରୀ ଷ୍ଟଲ ପକାଇଛନ୍ତି। ଲୋକଙ୍କ ମନୋରଞ୍ଜନ ପାଇଁ ୯ଦିନ ଯାଏ ଆଦିବାସୀ ସଂସ୍କୃତି ନାଟକ ପରିବେଷଣ କରାଯିବ । ଅନ୍ୟପଟେ ପ୍ରତିଦିନ ସନ୍ଧ୍ୟାରେ ଭଜନ ଓ ଅନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ।



ମାଁଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।

# ସ୍କୁଲ ବୁଲିଲେ ଉପଜିଲାପାଳ, ବିଧାୟକ

ପାପଡ଼ାହାଣ୍ଡି, ୨୭।୩(ଡି.ଏନ୍.ଏ.)

ନବରଙ୍ଗପୁର ଉପଜିଲାପାଳ ପ୍ରଶାନ୍ତ ରାଉତ ଓ ଡାବୁଗାଁ ବିଧାୟକ ମନହୋର ରନ୍ଧାରୀ ସୋମବାର ପାପଡ଼ାହାଣ୍ଡି ବ୍ଲକ ଗସ୍ତ କରିଥିଲେ। ଉଭୟ ସ୍ଥାନୀୟ ଦଳେଇଗୁଡା ବାଳିକା ଉଚ୍ଚ ବିଦ୍ୟାଳୟ ଯାଇ 5T କାର୍ଯ୍ୟ ତଦାରଖ କରିବା ସହ ଛାତ୍ରୀମାନଙ୍କ ସହ ବସି ମଧ୍ୟାହ୍ନ ଭୋଜନ କରିଥିଲେ। ପରେ ଛାତ୍ରୀମାନଙ୍କ ସହ ସେମାନଙ୍କ ଖାଦ୍ୟ ପେୟ କିପରି ପାଉଛନ୍ତି ଓ ପାଠପଢା ବିଷୟରେ ଆଲୋଚନା କରିଥିଲେ। ଏହି ସମୟରେ ଆଇଟିଡିଏ ପିଏ କୁମାର ସାହୁ , ଏଡିଡବ୍ଲ୍ୟୁଓ ସାଲୁ କୁମାର ଟୁଡୁ, ତହସିଲଦାର ଯୋଗେଶ୍ୱର ଭୋଇ, ବ୍ଲକ ଅଧକ୍ଷା ହେମଲତା ମାଝି, ଉପାଧକ୍ଷ ସୁଶାନ୍ତ ବେହେରା, ପରେଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୁଦେଷ୍ଣା ପ୍ରଧାନଙ୍କ ସହ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଏଥିରେ ସହଯୋଗ କରିଥିଲେ।

# ଛାତରେ ଫଳୁଛି ସେଓ, ଅଙ୍ଗୁର

ନବରଙ୍ଗପୁର, ୨୭।୩(ବି.ପ୍ର.)

ନବରଙ୍ଗପୁର ଚାମୁରିଆଗୁଡ଼ାସ୍ଥିତ ଜଗନ୍ନାଥ ରଥ ଜଣେ ଭେଷଜକ। ରୋଗୀଙ୍କୁ ସେବା ଯୋଗାଇବା ସହ ପ୍ରକୃତିକୁ ମଧ ସେତିକୁ ଭଲ ପାଆନ୍ତି। ନିଜ ଘରେ ବିଭିନ୍ନ ବୃକ୍ଷ ଲତା ଫଳ ଫୁଲ ଲଗାଇ ଅନ୍ୟ ପାଇଁ ଉଦାହରଣ ସାଜିଛନ୍ତି ଜଗନ୍ନାଥ।

ଗଛଟିଏ ଲଗାଇ ସେଠାରେ ଫଳ ଓ ଫୁଲ ଫଳାଇଲେ ଖୁସି ଲାଗିଥାଏ। ନବରଙ୍ଗପୁର ଭଳି ପାଣିପାଗରେ ଅଙ୍ଗୁର ଓ ସେଓ ଫଳିବ ନା ନାହିଁ ବୋଲି ସନ୍ଦେହ ଥିବାବେଳେ କିନ୍ତୁ ଭେଷଜକ ଜଗନ୍ନାଥ ଏହାକୁ ସମ୍ଭବ କରି ପାରିଛନ୍ତି। ସେ ନିଜ ବାଡ଼ରେ ଲଗାଇଛନ୍ତି ସେଓ ଅଙ୍ଗୁର ଲଗାଇଛନ୍ତି। ଏବେ ସେ ସବୁ ଫଳ ଧରିଲାଣି। ଏଥିସହ ଛାତ ଉପରେ ଲେମ୍ବୁ, ଆମ୍ବ, ଡାଳିମ୍ବ, କମଳା, ଜାମୁନ, ନସପାତି ଭଳି ଫଳ ଫଳିଛି। ତାଙ୍କ ବାଡରେ ହୋଇଥିବା ୮ ପ୍ରକାର ଗୋଲାପୀ ଫୁଲ ସମସ୍ତଙ୍କୁ ଆକୃଷ୍ଟ କରୁଛି। କେବଳ ଏତିକି ନୁହେଁ ଧଳା ଅରଖ, ନିରଗୁଣ୍ଡି, ବରୁଣ, ବାତରାଜ, ଗୁଳୁଚି, ହିଞ୍ଜଳ, ଅଁଳା, ଘି କୁଆଁରି ଭଳି ଅନେକ ଔଷଧୀୟ ବୃକ୍ଷ ଲତା ମଧ ଲଗାଇଛନ୍ତି। ରୋଗୀ ସେବା ସହ ଭଳିକି ଭଳି ଫୁଲ ଫଳ ଗଛ ଲଗାଇ ଫସଲ କରିବା ଖୁସି ଦେଉଛି ବୋଲି ସେ କହିଛନ୍ତି। ସୂଚନାନୁଯାୟୀ, ଜଗନ୍ନାଥ ନିରନ୍ତର ଭାବେ ଲୋକଙ୍କୁ ରୋଗୀସେବା ଯୋଗାଇବା ଓ ଜଣେ ସାମାଜିକ କର୍ମୀ ଭାବେ ମଧ ଜିଲାରେ ବେଶ ପରିଚିତ। ଏନେଇ ଜିଲା ପ୍ରଶାସନ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସମ୍ମାନିତ କରାଯାଇଛି।



ଜଗନ୍ନାଥଙ୍କ ବାଡିରେ ଫଳିଥିବା ଅଙ୍ଗୁର। (ଇନ୍‌ସଟ୍ ଜଗନ୍ନାଥ ରଥ)

# ସରିଲା ଜିଲାସ୍ତରୀୟ ସ୍କାଉଟ୍ସ ଗାଇଡ୍ସ କ୍ୟାମ୍ପୋରି




ଛାତ୍ରୀମାନଙ୍କ ଦ୍ୱାରା ବସିଥିବା ହାଟ ବଜାର।




ଉଦ୍‌ଯାପନୀ ଉତ୍ସବରେ ଡାବୁଗାଁ ବିଧାୟକ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

କୋଷାଗୁମୁଡ଼ା, ୨୭।୩(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ଜିଲାସ୍ତରୀୟ ସ୍କାଉଟ୍ସ ଓ ଗାଇଡ୍ସ କ୍ୟାମ୍ପୋରି ଉଦ୍‌ଯାପିତ ହୋଇଯାଇଛି। ୩ଦିନ ଧରି ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାର ୧୦ ବ୍ଲକରୁ ୨୭୫ ସ୍କାଉଟ୍ସ ଗାଇଡ୍ସ ଛାତ୍ରୀଛାତ୍ର, ୫୦ଜଣ ସ୍କାଉଟ୍ସ ମାଷ୍ଟର ଓ ଗାଇଡ୍ କ୍ୟାପ୍ଟେନ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଫୁଡ୍ ଭିଲା, ଗ୍ରାମହାଟ, ନ୍ୟୁଜ୍ ରିପୋର୍ଟିଂ, ଚିତ୍ରାଙ୍କନ, କୁଇଜ, ଝୋଟି ଚିତା, କ୍ୟାମ୍ପ ଫାୟାର, ନୃତ୍ୟ ଫ୍ଲିଜେଣ୍ଟ ଶୋ' ରେ ପ୍ରତିଯୋଗିତା କରାଯାଇଥିଲା । ୧ମ, ୨ୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଡିଇଓ ପ୍ରଦୀପ କୁମାର ନାଗଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ସୁକାନ୍ତ ପଟ୍ଟନାୟକ ମୁଖ୍ୟ ଅତିଥି, କୋଡ଼ିଙ୍ଗା ତହସିଲଦାର ଟିକୁନ୍ ପୁଟା, ବିଇଓ ସୁବାସ ଚନ୍ଦ୍ର ରାୟ, ଜିଲା ସ୍କାଉଟ୍ସ କମିଶନର ପ୍ରମୋଦ କୁମାର ଦାସ, ପରିଚାଳନା ସମ୍ପାଦକ ପବିତ୍ର ହାଲ୍‌ଦାର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ବ୍ଲକ ଅଧକ୍ଷା ସର୍ବେଶ୍ୱରୀ ମାଝି, ଉପାଧକ୍ଷ ଯୋଗେନ୍ଦ୍ର ସ୍ୱାଇଁ, ସରପଞ୍ଚ ଡାଳିମ୍ବ ମାଝି, ସମିତି ସଭ୍ୟ ଲକ୍ଷ୍ମଣ ପୂଜାରୀ, ତ୍ରିଲୋଚନ ଧାକଡ଼ ଓ ସାମାଜିକ କର୍ମୀ ହରିବନ୍ଧୁ ମାଝି ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ପ୍ରଭାତ କୁମାର ପଟ୍ଟନାୟକ, ପୂର୍ବତନ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ମନୋରଞ୍ଜନ ପ୍ରହରାଜ, ବିଭାଶିଷ ଦେ, କଳାହାଣ୍ଡି ଜିଲା ଟ୍ରେନିଂ କମିଶନର ଧୀରେନ୍ଦ୍ର ପଣ୍ଡା, ସ୍କାଉଟ୍ସ ଓ ଗାଇଡ୍ସ ଯୁଗ୍ମ ସମ୍ପାଦକ ସନାତନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୋଷାଗୁମୁଡ଼ା ହାଇସ୍କୁଲ ଗାଇଡ୍ କ୍ୟାପ୍ଟେନ ପ୍ରଣତି ପଟ୍ଟନାୟକ ଏଥିରେ ସହଯୋଗ କରିଥିଲେ।

**ପୋଲିସ ହାତରୁ ଖସିଯାଇଥିବା ଅଭିଯୁକ୍ତ ଗିରଫ**

ଜୟପୁର,(ନି.ପ୍ର.)- କୋର୍ଟରୁ ଫେରାର ହୋଇଯାଇଥିବା ଜଣେ ଅଭିଯୁକ୍ତଙ୍କୁ ଜୟପୁର ଟାଉନଥାନା ପୋଲିସ ଗିରଫ କରିଛି। ସେ ହେଲେ ମାଛକୁଣ୍ଡ ଥାନା ଅନ୍ତର୍ଗତ ମକ୍ଷୀପୁଟ ଗ୍ରାମର ମନ ପାଙ୍ଗୀ । ଖବରରୁ ଜଣାପଡିଛି, ଗତ ଜାନୁୟାରୀ ୨୦୨୨ରେ ଗଞ୍ଜେଇ ଚାଲାଣ କରୁଥିବା ବେଳେ ବୈପାରିଗୁଡା ପୋଲିସ ଚଢାଉ କରି ମନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେହି ସମୟରେ ପୋଲିସକୁ ଧକ୍କା ଦେଇ ମନ ଫେରାର ହୋଇଯାଇଥିଲେ। ଏନେଇ ବୈପାରିଗୁଡା ପୋଲିସ ଜୟପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲା। ଅଭିଯୋଗକୁ ଆଧାର କରି ପୋଲିସ ତଦନ୍ତ କରି କୁନ୍ଦୁରାରୁ ମନଙ୍କୁ ଗିରଫ କରି ଥିଲା।

## ସଂକ୍ଷେପରେ

### ଔଷଧରେ ବିଷ ଦେଇ ଶିଶୁପୁତ୍ରକୁ ହତ୍ୟା ଅଭିଯୋଗ ସାବତ ବାପା ଗିରଫ

ରାଇଘର,୨୭।୩(ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ରାଇଘର ବ୍ଲକର କସକଙ୍ଗା ପଞ୍ଚାୟତ ଅଧୀନ ଏକ ଗ୍ରାମରେ ଜଣେ ୩ବର୍ଷର ଶିଶୁପୁତ୍ରଙ୍କ କାଶ ଔଷଧ ଖାଇବା ପରେ ମୃତ୍ୟୁ ହୋଇଛି। ଉକ୍ତ ଔଷଧରେ ସାବତ ବାପା ବିଷ ମିଶାଇ ଦେଇଥିବା ନେଇ ତାଙ୍କ ମା' କୁନ୍ଦେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୁକ୍ତ ସାବତ ବାପା ଗଞ୍ଜାପାରା ପଞ୍ଚାୟତ ଆମାବେଡା ଗ୍ରାମର ବିଶ୍ୱନାଥ ଗଣ୍ଡଙ୍କୁ ଗିରଫ କରିଛି। ସୂଚନାନୁଯାୟୀ, ମହିଳା ଜଣଙ୍କର ପୂର୍ବରୁ ଜନୈକ ଯୁବକଙ୍କ ସହ ପ୍ରେମ ସମ୍ପର୍କ ଥିଲା। ତାଙ୍କ ଔରସରୁ ମହିଳା ଗର୍ଭବତୀ ହୋଇ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ବିବାହ ପୂର୍ବରୁ ଛୁଆ ହୋଇଥିବାରୁ ଉଭୟେ ଅଲଗା ରହୁଥିଲେ। ୩ ମାସ ପୂର୍ବେ ମହିଳା ଜଣଙ୍କ ବିଶ୍ୱନାଥଙ୍କୁ ଦ୍ୱିତୀୟ ଥର ପ୍ରେମ ବିବାହ କରିଥିଲେ। ରବିବାର ସକାଳେ ପୁଅକୁ ଥଣ୍ଡା କାଶ ହେଉଥିବାରୁ ମହିଳା ଜଣଙ୍କ ବିଶ୍ୱନାଥଙ୍କୁ ଔଷଧ ଆଣିବାକୁ କହିଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟାରେ ବିଶ୍ୱନାଥ ଆଣିଥିବା ଔଷଧ ମହିଳା ଜଣଙ୍କ ପୁଅକୁ ଖୁଆଇ ଥିଲେ। ଏହାର କିଛି ସମୟ ପରେ ଶିଶୁପୁତ୍ର ବାନ୍ତି କରିବାରୁ ତାକୁ ହାଟଭରାଣ୍ଡି ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମହିଳା ଜଣଙ୍କ ଏ ନେଇ କୁନ୍ଦେଇ ଥାନାରେ ଜଣାଇଥିଲେ। ମହିଳାଙ୍କ ଅଭିଯୋଗ କ୍ରମେ ପୋଲିସ ହତ୍ୟା ମାମଲା ରୁଜୁ କରିଛି। ଥାନାଧିକାରୀ ପ୍ରଶାନ୍ତ ସେଠି ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଉକ୍ତ ଔଷଧ ବୋତଲ ଜବତ କରଛନ୍ତି। ପୋଲିସ ବିଶ୍ୱନାଥଙ୍କୁ ଖୋଜାଖୋଜି କରିଥିଲା। ବିଶ୍ୱନାଥ ଫୋନ୍ ସୁଇଚ୍‌ଅଫ୍ କରି ଫେରାର୍ ହେବାକୁ ଯୋଜନା କରୁଥିବାବେଳେ ଛତିଶଗଡ଼ ସୀମାନ୍ତ ଅଞ୍ଚଳରୁ ତାଙ୍କୁ ଗିରଫ କରାଯାଇଛି।

### ଗଞ୍ଜେଇ ଜବତ, ଜଣେ ଗିରଫ

ମାଥିଲି ,୨୭।୩(ଡି.ଏନ.ଏ.)- ମାଥିଲି ମାଲକାନଗିରି ଜିଲା ଅବକାରୀ ନୀରିକ୍ଷକ ବିମ୍ବାଧର ପଣ୍ଡାଙ୍କ ନିର୍ଦ୍ଦେଶରେ ମାଥିଲି ଅବକାରୀ ଉପ ନିରୀକ୍ଷକ ରବୀନ୍ଦ୍ରନାଥ ପ୍ରଧାନଙ୍କ ତତ୍ତ୍ୱାବଧାନରେ କର୍ମଚାରୀମାନେ ସିରିପେଟା-କଟାମେଟା ରାସ୍ତାରେ ଧରପଗଡ କରି ୩୧କେଜି ୫୦୦ଗ୍ରାମ ଗଞ୍ଜେଇ ଜବତ କରିଛନ୍ତି। ଏଥିରେ ସମ୍ପୃକ୍ତ ଜଣଙ୍କୁ ଗିରଫ କରାଯାଇଛି। ସେ ହେଲେ ମାଣିକ ତାଙ୍ଗୁଲ। ଚଢାଉରେ ସହ ଉପନିରୀକ୍ଷକ ଜେମ୍‌ସ ମାଲେକୁମ ସାହୁ, ନିରୀକ୍ଷକ ଗୋବିନ୍ଦ ବିନଦାମି, ନିତ୍ୟାନନ୍ଦ ତାଣ୍ଡି, ପ୍ରଭାତ ସାହୁ ପ୍ରମୁଖ ସାମିଲ ଥିଲେ।

### ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

ଜୟପୁର, ୨୭।୩(ନି.ପ୍ର.)- ଜୟପୁର ବ୍ଲକ ଅନ୍ତର୍ଗତ ବାଲିଆଠାରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଓ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶୁଣାଣି ଲାଗି ୨୦ଟି ଅଭିଯୋଗ ଆସିଥିଲା। ଏହି ଶୁଣାଣିରେ ଜୟପୁର ବ୍ଲକ ପ୍ରଶାସନ, ସରପଞ୍ଚ, ସମିତିସଭ୍ୟା ସଭ୍ୟ, କନିଷ୍ଠ ଯନ୍ତ୍ରୀ, ପିଇଓ, ଜିଆର୍‌ଏସ୍, ସ୍ୱାସ୍ଥ୍ୟ ବିଭାଗ, ଆଇସିଡିଏସ୍, ହର୍ଟିକଲଚର, କୃଷି ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ। ବିଭିନ୍ନ ମୌଳିକ ସମସ୍ୟା ନେଇ ଜନସାଧାରଣ ଅଭିଯୋଗ କରିଥିଲେ। ଏହାର ଶୁଣାଣି କରି ସମସ୍ୟାଗୁଡିକର ଖୁବ ଶୀଘ୍ର ସମାଧାନ କରାଯିବ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ।

### ୬୯ ଅଭିଯୋଗ ଶୁଣିଲେ ଜିଲାପାଳ

ଲକ୍ଷ୍ମୀପୁର,୨୭।୩ (ସ୍ୱ.ପ୍ର.)- ଲକ୍ଷ୍ମୀପୁର ବ୍ଲକ ପରିସରରେ ଅଭିଯୋଗ ପ୍ରକୋଷ୍ଠରେ ସୋମବାର ଜନ ଅଭିଯୋଗ ଶୁଣାଣି ହୋଇଛି। କୋରାପୁଟ ଜିଲାପାଳ ଏମ୍ ଅବଦୁଲ ଆଖତ ୬୯ ଅଭିଯୋଗ ଶୁଣିଛନ୍ତି। ସେଥିମଧ୍ୟରୁ ୪୫ଟି ବ୍ୟକ୍ତିଗତ ଅଭିଯୋଗ ଥିବାବେଳେ ୨୪ଟି ସାମୂହିକ ଅଭିଯୋଗ ଥିଲା। ସେଥିରୁ ରାସ୍ତାଘାଟ, ବ୍ରିଜ, ପାନୀୟ ଜଳ, ଆବାସ ଗୃହ, ଜଙ୍ଗଲ ଜମିପଟ୍ଟା, କୃଷି ଏବଂ ସାମୂହିକ ଅଭିଯୋଗ ଥିଲା କଡ଼ିଙ୍ଗାମାଳି ଖଣି ଅଞ୍ଚଳରେ ପ୍ରକଳ୍ପ ସ୍ଥାପନ ଏବଂ ବିକାଶ। ତୁରନ୍ତ ଅଭିଯୋଗ କାର୍ଯ୍ୟକାରୀ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ୧୦୯ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ, ବିଧବା ଏବଂ ଭିନ୍ନକ୍ଷମଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା। ସେହିପରି ୧୦ ଭିନ୍ନକ୍ଷମଙ୍କୁ ଆଶାବାଡ଼ି, ଶ୍ରବଣ ଯନ୍ତ୍ର, ଟ୍ରାଇ ସାଇକେଲ ଦିଆଯାଇଥିଲା। ମିଶନଶକ୍ତି ଆନୁକୂଲ୍ୟରେ ୪୧ ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ୧ କୋଟି ୪ ଲକ୍ଷ ବିଭିନ୍ନ ବ୍ୟାଙ୍କ ଜରିଆରେ ଋଣ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉପଜିଲାପାଳ ବେଣୁଧର ଶବର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉଜ୍ଜ୍ୱଳ କେଶରୀ ଦାସ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଗୌରବ ଶିବାଜି ଇସନ ୱାର ତଥା ଜିଲାସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବିଡିଓ ପ୍ରୀତିରଞ୍ଜନ ରଥ, ତହସିଲଦାର ତପନ କୁମାର ନାୟକ, ବ୍ଲକ ଅଧକ୍ଷା ଶୁଆଇ କୁଲେଶିକା, ଉପାଧକ୍ଷା ଆରତୀ କୁଲଦୀପ, ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହୁରିଆ, ଜିପିଓ ସୁଧୀର କୁମାର ବେହେରା, ଯୋଗାଣ ଅଧିକାରୀ ପ୍ରଭାସ ରଞ୍ଜନ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

# ବେଧଡ଼କ ବାଲି ଚାଲାଣ ଅଭିଯୋଗ ଆଣିଲେ ସରପଞ୍ଚ

ଚନ୍ଦ୍ରପୁର,୨୭।୩(ଡି.ଏନ୍.ଏ.)



ସରପଞ୍ଚଙ୍କ ସମେତ ସ୍ଥାନୀୟ ଯୁବକମାନେ ବାଲି ବୋଝେଇ ଟ୍ରକ ଅଟକାଇଛନ୍ତି।

ରାୟଗଡା ଜିଲା ଚନ୍ଦ୍ରପୁର ବ୍ଲକ ଡାଙ୍ଗଷୋରଡା ଗ୍ରାମ ନିକଟ ଦେଇ ଯାଇଥିବା ବଂଶଧାରା ନଦୀରୁ ବେଧଡ଼କ ବାଲି ଚାଲାଣ ହେଉଛି। ଏଠାରୁ ପ୍ରତିଦିନ ୧୦ରୁ ୧୫ଟ୍ରକ ବାଲି ଯାଉଛି। ସେଥିମଧ୍ୟରୁ ୨/୩ଟି ଟ୍ରକକୁ ଛାଡିଦେଲେ ଅନ୍ୟ ଟ୍ରକଗୁଡିକ ୱାଇ ଫର୍ମ ରସିଦ ନ ଥାଇ ଦିନଦିପ୍ରହରରେ ଚୋରାଚାଲାଣ ହେଉଛି ବୋଲି ଡାଙ୍ଗଷୋରଡା ସରପଞ୍ଚ ଅନିତା ଶବର ଅଭିଯୋଗ କରିଛନ୍ତି। ପ୍ରାୟ ୨ ବର୍ଷ ହେଲା ଏପରି ଚାଲିଥିବାରୁ ନଦୀରେ ବାଲିର ଅଭାବ ଦେଖିବାକୁ ମିଳୁଛି। ଏପରି ଚାଲିଲେ ଆଗକୁ ଆବାସ ଯୋଜନାର ହିତାଧିକାରୀମାନେ ଘର ନିର୍ମାଣ ଲାଗି ଉଚିତ ମୂଲ୍ୟ ଦେଇ ବାଲି କିଣିପାରିବେ ନାହିଁ ବୋଲି ଯୁଗାପଦରର ଆଇନଜୀବୀ ମାଧବ ଚନ୍ଦ୍ର ଗମାଙ୍ଗ କହିଛନ୍ତି। ବର୍ତ୍ତମାନ ନଦୀରେ ୬ ଫୁଟ ଗଭୀରର ବିରାଟ ଗର୍ତ୍ତ କରାଯାଇ ଦିନରାତି ବାଲି ବୁହା ଚାଲିଛି। ଆଉ ମାତ୍ର କିଛିଦିନ ପରେ ବଂଶଧାରାରେ ବାଲି ନ ଥିବ। ଗରିବ ପରିବାର ଗୃହ ନିର୍ମାଣ ପାଇଁ ବାଲି କିଣିବାକୁ ହଇରାଣ ହେବେ ବୋଲି ଡାଙ୍ଗଷୋରଡାର ଚକ୍ର ଟାକ୍ରି, ଖଗେଶ୍ୱର ଲୁହା, ପ୍ରମୋଦ ଦଣ୍ଡସେନା, କାଳିଆ ବାଦକୁଲୁ, ପ୍ରତାପ କୁସୁଲିଆ, ଗଙ୍ଗା ବାତ୍ରା, ସୁଧାକର ପ୍ରଧାନ ପ୍ରମୁଖ ଅଭିଯୋଗ କରିଛନ୍ତି। ଗତ ଶନିବାର ବାଲି ବୋଝେଇ ୨ଟି ଟ୍ରକକୁ ସ୍ଥାନୀୟସରପଞ୍ଚ ଅନିତା ଶବରଙ୍କ ନେତୃତ୍ୱରେ ଯୁବକମାନେପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଅଟକାଇଥିଲେ। ଖବରପାଇ ଚନ୍ଦ୍ରପୁର ତହସିଲଦାର ଅଶୋକ କୁମାର ତ୍ରିପାଠୀ ଘଟଣାସ୍ଥଳରେ ପହଞ୍ଚି କାଗଜପତ୍ର ଯାଞ୍ଚ ପରେ ବାଲି ଟ୍ରକକୁ ଛାଡିବାକୁ କହିଥିଲେ। ଅନ୍ୟପକ୍ଷରେ ଲିଜ୍‌ଧାରୀ ବେଆଇନ ଭାବେ ନଦୀ ପାର୍ଶ୍ୱରେ ୨୦ରୁ ୩୦ଟ୍ରିପ ବାଲି ଠୁଳ କରି ରଖିଥିବାର ଏହାକୁ ତହସିଲଦାର ବେଆଇନ ଦର୍ଶାଇ ୫୦ ହଜାର ଟଙ୍କା ଜରିମାନା ଆଦାୟ କରାଯିବ ବୋଲି କହିଥିଲେ। ବାଲି ଚାଲାଣ ରୋକା ନ ଗଲେ ଆନ୍ଦୋଳନ କରାଯିବ ବୋଲି ସରପଞ୍ଚଙ୍କ ସମେତ ବହୁ ଯୁବଗୋଷ୍ଠୀ ଚେତାବନୀ ଦେଇଛନ୍ତି। ଚନ୍ଦ୍ରପୁର ତ୍ରିପାଠୀ ବାଲି ଚୋରାଚଲାଣ ସମ୍ପର୍କରେ ସୂଚନା ଦେଲେ ଆଇନ ଅନୁଯାୟୀ ପଦକ୍ଷେପ ନେବେ ବୋଲି କହିଛନ୍ତି।

# ମଝିଘରିଆଣୀଙ୍କ ହୁଣ୍ଡିରୁ ମିଳିଲା ୪୫ ଲକ୍ଷ



ହୁଣ୍ଡିରୁ ମିଳିଥିବା ଟଙ୍କା ଗଣାଯାଉଛି ।

ରାୟଗଡ଼ା ଅଫିସ/ରାୟଗଡ଼ା (ସ୍ୱ.ପ୍ର.)୨୭।୩

**ଶ୍ରଦ୍ଧାଳୁ ଦେଇଛନ୍ତି ୭ ବିଦେଶୀ ମୁଦ୍ରା, ୨୯ଗ୍ରାମ୍ ସୁନା, ୧୧୬୯ ଗ୍ରାମ୍ ରୁପା**

ରାୟଗଡ଼ା ଜିଲାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ମନ୍ଦିର ହୁଣ୍ଡି ସୋମବାର ଖୋଲାଯାଇଛି । ପ୍ରତିବର୍ଷ ଭଳି ଚୈତ୍ର ଯାତ୍ରା ପୂର୍ବରୁ ମା'ଙ୍କ ହୁଣ୍ଡି ଖୋଲାଯାଇ ଗଣତି ହୋଇଛି। ହୁଣ୍ଡିରୁ ୪୫ଲକ୍ଷ ୧ହଜାର ୨୪୯ଟଙ୍କା, ୨୯ ଗ୍ରାମ୍ ସୁନା ଓ ୧୧୬୯ ଗ୍ରାମ୍‌ର ରୁପା ବାହାରିଛି। ଏଥିସହ ୭ଟି ବିଦେଶୀ ମୁଦ୍ରା (୭୭ ଡଲାର) ହୁଣ୍ଡିରୁ ମିଳିଛି । ବିଦେଶରେ ରହୁଥିବା କୌଣସି ଭକ୍ତ ମା'ଙ୍କ ଦର୍ଶନ ପାଇଁ ଆସି ଏହାକୁ ଦାନ କରିଥିବା ଅନୁମାନ କରାଯାଉଛି । ପୂର୍ବାହ୍ନ ୧୦ଟାରେ ମାଜିଷ୍ଟ୍ରେଟ ଓ ପୋଲିସ ଉପସ୍ଥିତିରେ ମନ୍ଦିର ପରିଚାଳନା କମିଟି ତରଫରୁ ହୁଣ୍ଡି ଖୋଲାଯାଇ ଟଙ୍କା ଓ ସୁନାରୁପା ଏକାଠି କରାଯାଇଥିଲା। କଡ଼ା ସୁରକ୍ଷା ମଧ୍ୟରେ ବ୍ୟାଙ୍କ କର୍ମଚାରୀଙ୍କ ସମେତ ସ୍ୱେଚ୍ଛାସେବୀମାନେ ଦୀର୍ଘ ୮ଘଣ୍ଟା ଧରି ଏହାକୁ ଗଣତି କରିଥିଲେ। ହୁଣ୍ଡିରୁ ମିଳିଥିବା ଟଙ୍କା ଉତ୍କଳ ଗ୍ରାମୀଣ ବ୍ୟାଙ୍କରେ ଜମା କରାଯାଇଥିବା ବେଳେ ସୁନା ଓ ରୁପା ଜିଲା କୋଷାଗାରରେ ରଖାଯାଇଛି।

ସୂଚନାଯୋଗ୍ୟ, ବର୍ଷକୁ ୩ରୁ ୪ଥର ମା'ଙ୍କ ହୁଣ୍ଡି ଖୋଲାଯାଇ ଗଣତି କରାଯାଉଛି। ଏହା ପୂର୍ବରୁ ଗତ ଡିସେମ୍ବର ୨୧ ତାରିଖରେ ହୁଣ୍ଡି ଖୋଲାଯାଇଥିଲା। ସେ ସମୟରେ ୬୨ଲକ୍ଷ ୨୨ ହଜାର ୫୯ଟଙ୍କା ସହିତ ୪୬ ଗ୍ରାମ୍ ସୁନା ଓ ୧୭୭୫ ଗ୍ରାମ୍ ରୁପା ମିଳିଥିଲା। ମହାମାରୀ କରୋନା ସମୟରେ ମାତ୍ର ୨ଥର ହୁଣ୍ଡି ଖୋଲାଯାଇଥିଲା।

# ମୁନିଗୁଡ଼ା ବ୍ଲକରେ ଅଭିଯୋଗ ଶୁଣାଣି ଶିବିର



ଉପଜିଲାପାଳ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ।

ମୁନିଗୁଡା,୨୭।୩(ଡି.ଏନ୍.ଏ.)

ରାୟଗଡା ଜିଲା ପ୍ରଶାସନ ତରଫରୁ ମୁନିଗୁଡା ବ୍ଲକରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ଦୁଃଖିନୀ ନୁଣ୍ଡରୁକାଙ୍କ ଅଧକ୍ଷତାରେ ଆୟୋଜିତ ଏହି ଶିବିରରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରବିନାରାୟଣ ତ୍ରିପାଠୀ, ଗୁଣପୁର ଉପଜିଲାପାଳ ଲଳିତ କୁମାର କଅଁର, ରାୟଗଡ଼ା ଉପଜିଲାପାଳ ସୂର୍ଯ୍ୟମଣି ଭୋଇ, ଗୁଣପୁର ପ୍ରକଳ୍ପ ପ୍ରଶାସକ ଆଇଟିଡିଏ ଶାନ୍ତିପ୍ରଭା ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା.ଲାଲମୋହନ ରାଉତରାୟ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁରେନ୍ଦ୍ର ଗମାଙ୍ଗଙ୍କ ସହିତ ସମସ୍ତ ବିଭାଗୀୟ ଜିଲା ଓ ବ୍ଲକ ଅଧିକାରୀମାନେ ଉପସ୍ଥିତ ରହି ଲୋକମାନଙ୍କ ଅଭିଯୋଗ ଶୁଣିଥିଲେ। ଉପ ଜିଲାପାଳ କଅଁର ଅଭିଯୋଗ ଅନୁସାରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଡକାଇ ତୁରନ୍ତ ପ୍ରତିକାର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଶିବିରକୁ ଆସିଥିବା ମୋଟ ୫୪ଟି ଅଭିଯୋଗ ମଧ୍ୟରୁ ୩୯ଟି ବ୍ୟକ୍ତିଗତ ଓ ୧୫ଟି ଗୋଷ୍ଠୀଗତ ଅଭିଯୋଗ ଥିଲା। ମୁଖ୍ୟତଃ ଜମିଜମା, ଶିକ୍ଷା, ସାମାଜିକ ସୁରକ୍ଷା ଯୋଜନା, ଜଳସେଚନ, ଏମ୍‌ଜିଏନଆର୍‌ଇଜିଏସ୍, ଗମନାଗମନ ଓ ପାନୀୟଜଳ ସମସ୍ୟା ଉପରେ ଅଭିଯୋଗମାନ ଆସିଥିଲା। ଏଥିସହିତ ମୁନିଗୁଡ଼ା ବିକାଶ ପରିଷଦ ତରଫରୁ ମୁନିଗୁଡ଼ାରେ ସବ ରେଜିଷ୍ଟ୍ରି ଅଫିସ ପ୍ରତିଷ୍ଠା ବିଳମ୍ବକୁ ନେଇ ଅଭିଯୋଗ ଆସିଥିଲା। ଚିକିତ୍ସା ସହାୟତା ପାଇଁ ଆସିଥିବା ଏକ ଆବେଦନକୁ ଗ୍ରହଣ କରାଯାଇ ଅନୁମୋଦନ ପାଇଁ ଜିଲାପାଳଙ୍କ ନିକଟକୁ ପଠାଯାଇଥିଲା। ଅଭିଯୋଗ ଶିବିରରେ ଆବେଦନକାରୀମାନଙ୍କ ଅସୁବିଧା ଦୂରୀକରଣ ନିମନ୍ତେ ବିଷମକଟକ ଏସ୍‌ଡିପିଓ ଆକାଶ ଚନ୍ଦ୍ର ସାହୁ, ମୁନିଗୁଡା ବିଡ଼ିଓ ପ୍ରିତମ ତନ୍ତୀ, ତହସିଲଦାର ଅନାମିକା ପାଣ୍ଡେ, ସହକାରୀ ଯନ୍ତ୍ରୀ ଐଶର୍ଯ୍ୟ ଭଞ୍ଜଦେଓ, ଯୋଗାଣ ଅଧିକାରୀ ମାନସ ଜେନା, ଜୀବିକା ମିଶନ ବିପିଏମ କ୍ଷୀରୋଦ ଭୂୟାଁ, ବିଇଓ ଭି.ଭାସ୍କର ରାଓ, କ୍ଷୁଦ୍ର ଜଳ ସେଚନ ସହକାରୀ ଯନ୍ତ୍ରୀ ଶୈଳେନ୍ଦ୍ର କୁମାର କର, ଆରଡ଼ି ସହକାରୀ ଯନ୍ତ୍ରୀ ବ୍ରଜକିଶୋର ପଟ୍ଟନାୟକ, ଯନ୍ତ୍ରୀ ସୁଜ୍ଞାନି ବେହେରା, ଗ୍ରାମୀଣ ଜଳ ଯୋଗାଣ ସହକାରୀ ଯନ୍ତ୍ରୀ ରାଜକିଶୋର ଭୂମିଜ,ସିଡିପିଓ ଡାଳିମ୍ବ ନାୟକ,ସମ୍ପ୍ରସାରଣ ଅଧିକାରିଣୀ ଶୁଭପ୍ରଦା ସାସମଲ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ସହାୟତା କରିଥିଲେ।

## ରେଲୱେ ଜମି ଉଚ୍ଛେଦ ପ୍ରସଙ୍ଗ ବସୁନ୍ଧରା ଯୋଜନାରେ ଥଇଥାନ କରିବ ପ୍ରଶାସନ

ରାୟଗଡ଼ା,୨୭।୩(ସ୍ୱ.ପ୍ର.)

ରେଲୱେ ଜମିର ବିଭାଗ ଉଚ୍ଛେଦ କରିଥିବା ବସ୍ତିବାସିନ୍ଦାଙ୍କୁ ବସୁନ୍ଧରା ଯୋଜନାରେ ଥଇଥାନ କରାଯିବ। ଏଥିଲାଗି ଆବେଦନ କରିବାକୁ ରାୟଗଡ଼ା ତହସିଲଦାର ତାପସ ରାଉତ ନୋଟିସ ଜାରି କରିଛନ୍ତି । ରେଳଲାଇନ ସମ୍ପ୍ରସାରଣ ଓ ଡିଭିଜନ ନିର୍ମାଣ କାର୍ଯ୍ୟ ପାଇଁ ରେଲୱେ ଜମିରେ ଜବରଦଖଲ କରି ରହିଥିବା ବସ୍ତିବାସିନ୍ଦାଙ୍କୁ ରେଲୱେ ବିଭାଗ ଉଚ୍ଛେଦ କରୁଛି। ଏହି ବାସହରାମାନେ ବସୁନ୍ଧରା ଯୋଜନାରେ ସାମିଲ ହେବା ଲାଗି ଆବେଦନ କରିବାକୁ ତହସିଲ କାର୍ଯ୍ୟାଳୟ ପକ୍ଷରୁ ହୋଇଥିବା ଚିଠରୁ ଜଣାପଡ଼ିଛି। ଥଇଥାନ ପାଇଁ ଏପ୍ରିଲ୍ ୨୪ ତାରିଖ ସୁଦ୍ଧା ଆବେଦନ କରିପାରିବେ ବୋଲି ଉଲ୍ଲେଖ ରହିଛି । ଅପରପକ୍ଷେ ରେଲୱେ ଜମିରେ ବସବାସ କରୁଥିବା ବସ୍ତିବାସିନ୍ଦା ଥଇଥାନ ସୁବିଧା ପାଇଁ ରାୟଗଡ଼ା ବିଧାୟକ ପ୍ରାର୍ଥୀ ତଥା ଆଦିବାସୀ ନେତା ଆପଲସ୍ୱାମୀ କାଡ୍ରାକାଙ୍କୁ ଭେଟି ସମସ୍ୟା ଜଣାଇଥିଲେ। ସେମାନଙ୍କୁ ବସୁନ୍ଧରା ଯୋଜନାରେ ଥଇଥାନ ପାଇଁ ଜିଲାପାଳଙ୍କୁ ଅନୁରୋଧ କରିବେ ବୋଲି ଆପଲସ୍ୱାମୀ କହିଛନ୍ତି ।

# ଟୀର୍ଥଯାତ୍ରୀଙ୍କୁ ନେଇ ସ୍ୱତନ୍ତ୍ର ଟ୍ରେନ ଗଡ଼ିବ ଆଜି



ଟୀର୍ଥଯାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି ।

ରାୟଗଡା ଅଫିସ,୨୭।୩

**ଭୁବନେଶ୍ୱରରୁ ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ**

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ୬ ଜିଲାର ବରିଷ୍ଠ ନାଗରିକଙ୍କୁ ନେଇ ମଙ୍ଗଳବାର ରାୟଗଡ଼ା ଷ୍ଟେଶନରୁ ଏକ ସ୍ୱତନ୍ତ୍ର ଟ୍ରେନ ବାହାରିବ। ଭୁବନେଶ୍ୱରରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅପରାହ୍ନ ୧୨ଟା ୪୦ ମିନିଟରେ ଏହି ଟ୍ରେନର ଶୁଭାରମ୍ଭ କରିବେ। ତୀର୍ଥଯାତ୍ରାରେ ଯିବାକୁ ଥିବା କୋରାପୁଟ, ନବରଙ୍ଗପୁର, ମାଲକାନଗିରି, କଳାହାଣ୍ଡି ଏବଂ ନୂଆପଡ଼ା ଜିଲାରୁ ବରିଷ୍ଠ ନାଗରିକମାନେ ସୋମବାର ରାୟଗଡ଼ାରେ ପହଞ୍ଚିଛନ୍ତି। ସ୍ଥାନୀୟ ଅଶୋକ କଲ୍ୟାଣ ମଣ୍ଡପରେ ରାୟଗଡ଼ା ସମେତ ୬ ଜିଲାର ତୀର୍ଥଯାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ସ୍ୱାସ୍ଥ୍ୟ ସମସ୍ୟା ଥିବାରୁ ରାୟଗଡ଼ା ଜିଲାର ୩ ଜଣଙ୍କୁ ତୀର୍ଥଯାତ୍ରାରୁ ବାଦ ଦିଆଯାଇଛି। ପର୍ଯ୍ୟଟନ ବିଭାଗ ତରଫରୁ ଏହି ତୀର୍ଥଯାତ୍ରା ସ୍ୱତନ୍ତ୍ର ଟ୍ରେନ ରାୟଗଡ଼ାରୁ ବାହାରି ତିରୁପତି, ଭେଲର ଓ ଶ୍ରୀଶୈଳମ୍ ଯାତ୍ରା କରି ଏପ୍ରିଲ ୨ ତାରିଖରେ ପୁଣି ରାୟଗଡାକୁ ଫେରିବ ।

## ବଣ୍ଡାଘାଟିର ଭେଜାଗୁଡ଼ାରେ ବିଡିଓ

ଖଇରପୁଟ,୨୭।୩(ସ୍ୱ.ପ୍ର.)

ମାଲକାନଗିରି ଜିଲା ଖଇରପୁଟ ବ୍ଲକର ବଣ୍ଡଘାଟିର ଭେଜାଗୁଡା ଗ୍ରାମକୁ ସୋମବାର ବିଡିଓ ହୃଦାରଞ୍ଜନ ସାହୁ ଗସ୍ତ କରି ବିଭିନ୍ନ କାର୍ଯ୍ୟର ତଦାରଖ କରିଛନ୍ତି। ଅପହଞ୍ଚ ଅଞ୍ଚଳ ରୂପେ ପରିଚିତ ଏହି ଗ୍ରାମକୁ ଯିବାକୁ ହେଲେ ନଈପାର ହୋଇ ଯିବାକୁ ହୁଏ। ବିଡିଓ ସାହୁ ସହକାରୀ ନିର୍ବାହୀଯନ୍ତ୍ରୀ ଦୁଷ୍ମନ୍ତ ବହେରାଙ୍କ ଅନ୍ୟ କେତେ ଜଣ କର୍ମଚାରୀଙ୍କ ସହ ଦେଶୀ ଡଙ୍ଗାରେ ନଈପାର ହୋଇ ଭେଜାଗୁଡାରେ ପହଞ୍ଚି ଅମୃତ ସରୋବର ଯୋଜନାରେ ଖୋଳା ଯାଇଥିବା ପୋଖରୀ ଏବଂ କିଛି ଲୋକଙ୍କୁ ପୂର୍ବରୁ ପ୍ରଦାନ କରାଯାଇଥିବା ଡଙ୍ଗାର ବ୍ୟବହାର ଏବଂ ବଣ୍ଡା ଉନ୍ନୟନ ସଂସ୍ଥା ବିଭିନ୍ନ କାର୍ଯ୍ୟର ତଦାରଖ କରିଥିଲେ। କେତେକ ଗ୍ରାମବାସୀଙ୍କୁ ସେମାନଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ରହିଥିବା ସମସ୍ୟା ସମାଧାନ କରିବା ଲାଗି ପ୍ରତିଶ୍ରୁତି ଦେଇ ଫେରିଥିଲେ। ସୂଚନାଯୋଗ୍ୟ, ଏହି ଭେଜାଗୁଡା ଗ୍ରାମରେ ଆଜିଯାଏ କୌଣସିସରକାରୀ ଅଧିକାରୀଙ୍କ ପାଦ ପଡି ନ ଥିଲା। ଏକ୍ଷେତ୍ରରେ ଅଶାନ୍ତ ନଈ ପ୍ରତିବନ୍ଧକ ସାଜିଥିଲା।

# କାମ କରିବାକୁ ବାହାର ରାଜ୍ୟ ନେଇ ଅର୍ଥ ଦେଲେନି ଠିକାଦାର

ମାଲକାନଗିରି, ୨୭।୩(ଡି.ଏନ.ଏ.)

ମାଲକାନଗିରି ଜିଲା ଚାଲାଣଗୁଡା ପଞ୍ଚାୟତର ପେନ୍ଦେଲଗୁଡା, କୋଡେଲଗୁଡା ଅଞ୍ଚଳର ଶ୍ରମିକମାନଙ୍କୁ କାର୍ଯ୍ୟ କରିବାକୁ କାଲିମେଲା ବ୍ଲକ ଏମପିଭି-୪୮ ଅଞ୍ଚଳର ଅନୁପ ଗାଇନ ଆନ୍ଧ୍ରର ଭଦରାଚଲମ୍‌ର ଗୁଣ୍ଡାଲନାରକୁ ନେଇଥିଲେ। ସେଠାରେ ଦୁଇମାସ କାର୍ଯ୍ୟ କରିବା ପରେ ଶ୍ରମିକମାନେ ନିଜର ପ୍ରାପ୍ୟ ମାଗିବାରୁ ସମ୍ପୃକ୍ତ ବ୍ୟକ୍ତି ସେମାନଙ୍କୁ କୌଣସି ଅର୍ଥ ନ ଦେଇ ଗାଳିଗୁଲଜ କରିଥିଲେ ବୋଲି ଶ୍ରମିକମାନେ ଅଭିଯୋଗ କରିଛନ୍ତି। ଶ୍ରମିକମାନେ ଅନେକ କଷ୍ଟରେ ସେଠାରୁ ନିଜ ଗ୍ରାମକୁ ଆସିଥିଲେ। ଏନେଇ ସମ୍ପୃକ୍ତ ଶ୍ରମିକମାନେ ନ୍ୟାୟ ଆଶାରେ ସୋମବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଜିଲା ପ୍ରଶାସନ ସହ ପୋଲିସ ଓ ଶ୍ରମ ଅଧିକାରୀଙ୍କୁ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତ।

# ୩ ପୁତ୍ର ସନ୍ତାନ ଜନ୍ମ ଦେଲେ ମହିଳା

ନନ୍ଦପୁର, ୨୭।୩ (ଡି.ଏନ.ଏ.)



ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ କୋରାପୁଟ ସ୍ଥାନାନ୍ତର ହୋଇଥିବା ଜଣେ ଗର୍ଭବତୀ ମହିଳା କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ତନୋଟି ପୁତ୍ର ସନ୍ତାନ ଜନ୍ମ ଦେଇଛନ୍ତି। ସେ ହେଲେ ଟିକରପଡ଼ା ପଞ୍ଚାୟତ ଦଣ୍ଡାଗୁରୁ ଗ୍ରାମର ହରି ଖଡାଙ୍କ ସ୍ତ୍ରୀ ସୁମିତ୍ରା। ତିନି ଛୁଆଙ୍କ ସମେତ ସୁମିତ୍ରାଭଲ ଥିବା ଡାକ୍ତର ସମର୍ପିତା ବେହେରା ସୂଚନା ଦେଇଛନ୍ତି।

# ବିଏସ୍‌ଏଫ ପକ୍ଷରୁ ଜନସମ୍ପର୍କ କାର୍ଯ୍ୟକ୍ରମ



ମାଲକାନଗିର,୨୭।୩(ଡି.ଏନ୍.ଏ.)

ମାଲକାନଗିରି ଜିଲା ବିଏସ୍‌ଏଫ୍ ୨ୟ ବଟାଲିୟନ ପକ୍ଷରୁ ମାଥିଲି ଥାନା ଅନ୍ତର୍ଗତ ତେନ୍ତୁଲିଗୁମ୍ମା ସଦର ପଞ୍ଚାୟତରେ ଏକ ଜନ ସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଏସ୍‌ଏଫ୍‌ର ଅତିରିକ୍ତ କମାଣ୍ଡାଣ୍ଟ ବି.ଏସ୍. ରାବତଙ୍କ ଯବାନମାନେ ଉପସ୍ଥିତ ଥିଲେ। ତେନ୍ତୁଲିଗୁମ୍ମା ପଞ୍ଚାୟତର ତେନ୍ତୁଲିଗୁମ୍ମା, ଅଁଳାଗୁଡା, ଟେକଗୁଡା, ମାଟିଗୁଡା, ବେଜିଙ୍ଗିଗୁଡା, ମଦୁପୁ, ତିଲକନଗର ପ୍ରଭୃତି ଗ୍ରାମର ମହିଳା ପୁରୁଷ, ଯୁବକମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଗ୍ରାମବାସୀଙ୍କୁ ବିଭିନ୍ନ ସାମଗ୍ରୀ ଯଥା, କପଡା, କ୍ରୀଡା ସାମଗ୍ରୀ, ଘର ଉପକରଣ, ନିତ୍ୟ ବ୍ୟବହାର୍ଯ୍ୟ ଉପକରଣ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ତେନ୍ତୁଲିଗୁମ୍ମା ସରପଞ୍ଚ ମନମତି ନାୟକ ଉପସ୍ଥିତ ଥିଲେ।

# ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ, ଲକ୍ଷେ ଟଙ୍କା ଜରିମାନା

ମାଲକାନଗିର,୨୭।୩ (ଡି.ଏନ୍.ଏ.)

**ଗଞ୍ଜେଇ ଚୋରା ଚାଲାଣ ମାମଲାର ରାୟ**

ମାଲକାନଗିରି ଜିଲା ଦୌରା ଜଜ୍ ଅଜନ୍ତା ଷଡଙ୍ଗୀ ଏକ ଗଞ୍ଜେଇ ଚୋରା ଚାଲାଣ ଜନିତ ମାମଲାର ବିଚାର କରି ରାୟ ଶୁଣାଣି କରି ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧ଲକ୍ଷ ଟଙ୍କା ଜରିମାନା ଦେବାକୁ ରାୟରେ କହିଛନ୍ତି। ଏହା ଅନାଦାୟ ହେଲେ ଆଉ ଏକବର୍ଷ ଜେଲଦଣ୍ଡ ଭୋଗିବାକୁ ବିଚାରପତି ପ୍ରକାଶ କରିଛନ୍ତି।

ମାମଲାର ବିବରଣୀରୁ ଜଣାପଡିଛି, ଗତ ୨୧।୯।୨୦୨୧ରେ ଓର୍କେଲ ଥାନା ବିଙ୍ଗୁଗୁଡା ଗ୍ରାମର ଗଗୁଲୁ ପାଙ୍ଗୀ ତାଙ୍କ ଘରେ ଗଞ୍ଜେଇ ଚାଲାଣ ଲାଗି ରଖିଥିବା ଅବକାରୀ ବିଭାଗ ମୋବାଇଲ ଟିମ୍ କର୍ମଚାରୀ କୌଣସି ସୂତ୍ରରୁ ସୂଚନା ପାଇ ତାଙ୍କ ଘର ଉପରେ ଚଢାଉ କରିଥିଲା। ତାଙ୍କ ଘରୁ ୧୪୫ କେଜି ୬୦୦ ଗ୍ରାମ ଗଞ୍ଜେଇ ଜବତ କରି ଗଗୁଲୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। କେସ୍ ନଂ. ୫୨/୨୧ରେ ମାମଲା ରୁଜୁ ହୋଇ ସେବେଠାରୁ ଜିଲା ଦୌରା ଜଜ୍‌ଙ୍କ କୋର୍ଟରେ ମାମଲା ବିଚାରାଧୀନ ଥିଲା। ସାକ୍ଷୀମାନଙ୍କ ବୟାନକୁ ଆଧାର କରି ଏହାର ଶୁଣାଣି କରି ବିଚାରପତି ଗଗୁଲୁଙ୍କୁ ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ମାମଲାକୁ ସରକାରୀ ଆଇନଜୀବୀ ବିଜୟ ମହାନ୍ତି ପରିଚାଳନା କରୁଥିଲେ।

# ବନ୍ଧୁଙ୍କ ପାଇଁ ମଶାଣି ପାଲଟିଛି ଘର

ମାଥିଲି,୨୭।୩ (ଡି.ଏନ.ଏ.)



ବନ୍ଧୁ ରହୁଥିବା ମଶାଣି।

ମଶାଣି ନାଁ ଶୁଣିଲେ ସାଧାରଣତଃ ଲୋକଙ୍କ ମନରେ ଭୟ ସୃଷ୍ଟି ହୁଏ। ଜଣେ ମୃତ୍ୟୁବରଣ କରିବା ପରେ ସେଠାକୁ କୋକେଇରେ ଯାଏ। ମାତ୍ର ମାଥିଲି ବ୍ଲକରେ ଏପରି ଜଣେ ବ୍ୟକ୍ତି ଅଛନ୍ତି ଯିଏ ମଶାଣିକୁ ନିଜ ଘର କରିଛନ୍ତି। ମଶାଣିରୁ ବିଭିନ୍ନ ଆବର୍ଜନାକୁ ଗୋଟେଇ ଗୋଟିଏ ଜାଗାରେ ସାଇତି ରଖି ନିଜ ସୃଜନୀଳତାର ପରିଚୟ ଦେଇଛନ୍ତି। ଦିନେ କି ସପ୍ତାହେ, ମାସେ ନୁହେଁ ଦୀର୍ଘ୧୫ ବର୍ଷ ହେଲା ସେ ମଶାଣିରେ ଏପରି କାର୍ଯ୍ୟ ଜାରି ରଖିଛନ୍ତି। ସେ ହେଲେ ବନ୍ଧୁ ନାୟକ (୬୦)। ମାଲକାନଗିରି ଜିଲା ମାଥିଲି ବ୍ଲକ ନୂଆଗୁଡା ଗ୍ରାମରେ ତାଙ୍କ ଘର।

ମାନସିକ ଭିନ୍ନକ୍ଷମ ଥିବା ବନ୍ଧୁ ଏକଦା ଥିଲେ ବେଶ୍ ସ୍ୱଚ୍ଛଳ ବର୍ଗର ମଣିଷ। ତେବେ ପରିସ୍ଥିତିରେ ପଡି ସେ ନିଜର ସବୁ ସମ୍ପତ୍ତି ହରାଇ ବସିଲେ। ସ୍ତ୍ରୀଙ୍କ ମୃତ୍ୟୁ ପରେ ସେ ନିଜ ମାନସିକ ଭାରସାମ୍ୟ ହରାଇ ସେବେଠାରୁ ଘରୁ ପଳାଇ ଆସି ମଶାଣିରେ ରହୁଛନ୍ତି। କିଛି ଦିନ ମଶାଣି ପାଖରେ ଥିବା ଏକ ଗଛ ଉପରେ ମଞ୍ଚା ବାନ୍ଧି ରହିଲେ। ଏବେ ସେ ଶବଦାହ ହେଉଥିବା ଗୃହରେ ରହୁଛନ୍ତି। ବିଭିନ୍ନ ସ୍ଥାନରୁ କନା, ପତାକା, ବୋତଲ ଆଣି ଏଠାରେ ରଖିଛନ୍ତି। ଛୋଟଛୋଟ ପଲିଥିନରେ ତୋରଣ ବାନ୍ଧିଛନ୍ତି। ଦୂରରୁ ଏହା ଏକ ମନ୍ଦିରର ଭ୍ରମ ସୃଷ୍ଟି କରୁଛି। ବନ୍ଧୁଙ୍କ ଏକମାତ୍ର ଝିଅର ବିବାହ ସରିଛି। ଝିଅ ଜ୍ୱାଇଁ ୨/୩ ଥର ତାଙ୍କୁ ମେଡିକାଲ ନେବା ପାଇଁ ଗାଡିଧରି ଆସିଥିଲେ ମଧ୍ୟ ଗାଡିରୁ ଡେଇଁ ସେ ପୁଣି ମଶାଣିକୁ ଚାଲିଯାଆନ୍ତି। ସେହି ସ୍ଥାନରେ ରହି ଦିନରାତି ବନ୍ଧୁ ଆଦିବାସୀ ଭାଷାରେ ପୁରାଣ ଗୀତ ଗାଆନ୍ତି। ପ୍ରଶାସନ ପକ୍ଷରୁ ତାଙ୍କୁ ଉଦ୍ଧାର କରି ଚିକିତ୍ସା କଲେ ସେ ସୁସ୍ଥ ହୋଇ ପାରିବେ ବୋଲି କେତେକ ଗ୍ରାମବାସୀ କହିଛନ୍ତି।